ବର୍ଷ-୨୫, ସଂଖ୍ୟା-୮୧
ଭୁବନେଶ୍ୱର
୨୪, ମାର୍ଚ୍ଚ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 81
Bhubaneswar
24 March, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆଜି ରାଜ୍ୟ ଅତିଥି ଭବନ ଠାରେ କେନ୍ଦ୍ର ଗୃହ ନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ସାକ୍ଷାତ କରିଛନ୍ତି । ଏହି ଅବସରରେ ଉଭୟଙ୍କ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଛି ।

## ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ବହୁ ମାନ୍ୟଗଣ ନେତା, ମନ୍ତ୍ରୀ

ଭୁବନେଶ୍ୱର, ୨୩।୩(ମହାଭାରତ): ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ବହୁ ମାନ୍ୟଗଣ୍ୟ ନେତା ଓ ମନ୍ତ୍ରୀ । ବିହାର ସ୍ୱାସ୍ଥ୍ୟମନ୍ତ୍ରୀ ମଙ୍ଗଲ୍ ପାଣ୍ଡେ ଡ଼ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ତାଙ୍କର ସମ୍ପୂର୍ଣ୍ଣ ଜୀବନ ରାଷ୍ଟ୍ରବାଦ ଚିନ୍ତାଧାରାକୁ ମଜବୁଦ କରିବା ପାଇଁ ଥିଲା। ଦେଶ ଭିତରେ ସାଂସ୍କୃତିକ ପ୍ରବାହ କେମିତି ମଜବୁତ ହେବ ସେଥିପାଇଁ ଲମ୍ବା ସମୟ ବିଜେପିରେ ରହି ଓଡିଶା ସହ ଦେଶ ପାଇଁ କାମ କରିଛନ୍ତି ।

ଡ଼ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ହରିୟାଣାର ପଂଚାୟତ ମନ୍ତ୍ରୀ କ୍ରିଷ୍ଣପାଲ ପନ୍ୱାର ତାଳଚେର ସ୍ଥିତ ହାଣ୍ଡିଧୁଆଁ ବାସଭବନରେ ପହଁଚିଛନ୍ତି । ସେହିପରି ପୂର୍ବତନ ସାଂସଦ ଉତ୍ତର ପ୍ରଦେଶର ହରିଶ ତ୍ରିବେଦୀ ମଧ୍ୟ ତାଳଚେର ସ୍ଥିତ ହାଣ୍ଡିଧୂଆଁ ବାସଭବନରେ ପହଁଚିଛନ୍ତି ।

# ଆସୁଛନ୍ତି ମହାମହିମ ରାଷ୍ଟ୍ରପତି

ଭୁବନେଶ୍ୱର, ୨୩।୩(ମହାଭାରତ): ଆସନ୍ତାକାଲି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ରାଷ୍ଟ୍ରପତି ମାର୍ଚ୍ଚ ୨୪ତାରିଖ ଦିନ ୧୨.୩୦ରେ ବାୟୁସେନା ବିମାନ ଯୋଗେ ସ୍ୱାମୀବିବେକାନନ୍ଦ ବିମାନବନ୍ଦର, ରାୟପୁର, ଛତିଶଗଡ଼ରୁ ବାହାରି ଦିନ ୧.୩୦ମିନିଟରେ ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନବନ୍ଦରରେ ପହଁଚିବେ । ସେଠାରୁ ସେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ନୟାଗଡ଼ ଜିଲ୍ଲା କଣ୍ଟିଲୋନୀଳମାଧବ ମନ୍ଦିର ନିକଟସ୍ଥ ହେଲିପ୍ୟାଡରେ ଅବତରଣ କରିବେ । ସେଠାରୁ ସଡ଼କପଥରେ ଯାଇ କଣ୍ଟିଲୋସ୍ଥିତ ଅତିଥିଭବନରେ ସାମୟିକ ବିଶ୍ରାମ କରିବେ । ପରେ ପରେ ସେଦିନ ସେ ଅପରାହ୍ଣ ୩.୦୫ମି. ସମୟରେ ପ୍ରଭୁ ନୀଳମାଧବ ମନ୍ଦିର ଦର୍ଶନ କରି ପୂଜାର୍ଚ୍ଚନା କରିବେ। ପରେପରେ ରାଷ୍ଟ୍ରପତି ଅପରାହ୍ଣ ୩.୩୫ସମୟରେ ନୟାଗଡ଼ର କାଳିଆପଲ୍ଲୀଠାରେ ଭାରତୀୟ ବିଶ୍ୱାବସୁ ସମାଜ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଏହାପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ରାଜଭବନରେ ରାତ୍ରିରହଣୀ କରିବେ ଏବଂ ତହିଁ ପରଦିନ ୨୫ତାରିଖ ସକାଳେ ବାୟୁସେନା ବିମାନ ଯୋଗେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।



ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ।ଏନେଇ ଡିସିପି ଜଗମୋହନ ମିନା ସୂଚନା ଦେଇଛନ୍ତି। ଭୁବନେଶ୍ୱର ରାଜଭବନରେ ରହିବେ ରାଷ୍ଟ୍ରପତି । ବିମାନବନ୍ଦରରୁ ରାଜଭବନ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ । ମୋଟ ୩ ଜଣ ଡିସିପି, ୨୪ ଏସିପି, ୨୮ ଆଇଆଇସି, ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ । ଆସନ୍ତା କାଲି ୧:୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ ରାଷ୍ଟ୍ରପତି ।

# ବେଲୁଚିସ୍ତାନରେ ବିଦ୍ରୋହୀଙ୍କ ଆକ୍ରମଣ, ୮ ମୃତ

ଇସଲାମାବାଦ, ୨୩।୩(ଏଜେନ୍ସି): କରାଚୀ: ପାକିସ୍ତାନ ଏବଂ ବେଲୁଚିସ୍ତାନ ବିଦ୍ରୋହୀମାନଙ୍କ ମଧ୍ୟରେ ଚାଲିଥିବା ସଂଘର୍ଷ ଅଧିକ ବ୍ୟାପକ ହୋଇଛି।ଆଜି ପୁଲିସ ଏବଂ ଜନସାଧାରଣଙ୍କ ମଧ୍ୟରେ ସଂଘର୍ଷରେ ୪ ପୁଲିସ କର୍ମୀଙ୍କ ସମେତ ୮ ଜଣଙ୍କର ମୃତ୍ୟୁ ହୋଇଛି। ଏମାନଙ୍କ ମଧ୍ୟରେ ଚାରି ଜଣ ଶ୍ରମିକ ମଧ୍ୟ ଅନ୍ତର୍ଭୁକ୍ତ। ସୂଚନା ଅନୁଯାୟୀ, ବେଲୁଚିସ୍ତାନ ପ୍ରଦେଶରେ ପୃଥକ ପୃଥକ ଘଟଣାରେ ଅଜ୍ଞାତ ବନ୍ଧୁକଧାରୀମାନେ ଚାରି ଜଣ ପୁଲିସ କର୍ମଚାରୀ ଏବଂ ଚାରି ଜଣ ଶ୍ରମିକଙ୍କୁ ହତ୍ୟା କରିଛନ୍ତି। ପ୍ରଥମ ଘଟଣା ଶନିବାର ଦିନ ନୋଶକି ସହରର ଘାରିବାବାଦ ଅଞ୍ଚଳରେ ଘଟିଥିଲା, ଯେଉଁଠାରେ ମୋଟରସାଇକେଲ ଆରୋହୀମାନେ ଏକ ପାଟ୍ରୋଲିଂ ପୁଲିସ ଦଳ ଉପରେ ଗୁଳି ଚଳାଇଥିଲେ, ଯେଉଁଥିରେ ଚାରି ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା।

ସେପଟେ ବେଲୁଚିସ୍ତାନ ପୋଷ୍ଟ ଦ୍ୱାରା ସେୟାର କରାଯାଇଥିବା ଏକ ଭିଡିଓ ଅନୁସାରେ, ପାକିସ୍ତାନର କ୍ୱେଟାରେ ପୋଲିସ ପ୍ରତିବାଦକାରୀଙ୍କ ମୁଣ୍ଡରେ ସିଧାସଳଖ ଗୁଳି କରୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ବେଲୁଚିସ୍ତାନରେ ପ୍ରଦର୍ଶନକାରୀଙ୍କ ବିରୋଧରେ ପୁଲିସର ଗୁଳିଚାଳନା ଓ ଲାଠିମାଡ ଘଟଣାରେ ଶହେରୁ ଅଧିକ ଲୋକ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ସିଧାସଳଖ ଗୁଳିଚାଳନା ଯୋଗୁଁ ଆହତ ହୋଇଛନ୍ତି,



ଯେତେବେଳେ ପାଞ୍ଚ ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଦାବି କରାଯାଇଛି ।

ଦ୍ୱିତୀୟ ଆକ୍ରମଣଟି କଳାତର ମାଙ୍ଗୋଚର ସହରର ମଲାଙ୍ଗଜାଇ ଅଞ୍ଚଳରେ ଘଟିଥିଲା, ଯେଉଁଥିରେ ପଞ୍ଜାବ ପ୍ରଦେଶର ଚାରି ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ପୁଲିସ ଅଧିକାରୀ ହାସିମ ଖାନ ଗଣମାଧ୍ୟମକୁ କହିଛନ୍ତି ଯେ ପୁଲିସ କର୍ମଚାରୀଙ୍କ ମୃତଦେହକୁ ହସ୍ପିଟାଲକୁ ପଠାଯାଇଛି ଏବଂ ପୁଲିସ ଅଞ୍ଚଳକୁ ଘେରାବନ୍ଦୀ କରି ଆକ୍ରମଣକାରୀଙ୍କୁ ଖୋଜିବା ପାଇଁ ଏକ ଅଭିଯାନ ଆରମ୍ଭ କରିଛି କଳାଟ ଡେପୁଟି ପୁଲିସ କମିଶନର ଜମିଲ ବାଲୋଚ୍ କହିଛନ୍ତି ଯେ ଦ୍ୱିତୀୟ ଆକ୍ରମଣରେ ପ୍ରଭାବିତ ଶ୍ରମିକମାନେ ପଞ୍ଜାବ ପ୍ରଦେଶର ସାଦିକାବାଦର ବାସିନ୍ଦା ଏବଂ ବୋରୱେଲ ଖୋଳିବାରେ ନିୟୋଜିତ ଥିଲେ। ଏପର୍ଯ୍ୟନ୍ତ କୌଣସି ସଂଗଠନ ଏହି ଆକ୍ରମଣର ଦାୟିତ୍ୱ ନେଇନାହିଁ।

ସେପଟେ ବେଲୁଚିସ୍ତାନ ପୋଷ୍ଟ ଦ୍ୱାରା ସେୟାର କରାଯାଇଥିବା ଏକ ଭିଡିଓ ଅନୁସାରେ, ପାକିସ୍ତାନର କ୍ୱେଟାରେ ପୋଲିସ ପ୍ରତିବାଦକାରୀଙ୍କ ମୁଣ୍ଡରେ ସିଧାସଳଖ ଗୁଳି କରୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ବେଲୁଚିସ୍ତାନରେ ପ୍ରଦର୍ଶନକାରୀଙ୍କ ବିରୋଧରେ ପୁଲିସର ଗୁଳିଚାଳନା ଓ ଲାଠିମାଡ ଘଟଣାରେ ଶହେରୁ ଅଧିକ ଲୋକ ଆହତ ହୋଇଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ସିଧାସଳଖ ଗୁଳିଚାଳନା ଯୋଗୁଁ ଆହତ ହୋଇଛନ୍ତି, ଯେତେବେଳେ ୫ଅ ଜଣଙ୍କ ମୃତ୍ୟୁ ହୋଇଥିବା ରିପୋର୍ଟରେ ଦାବି କରାଯାଇଛି।

## ବାଙ୍ଗିରିପୋଷିରେ ଦୁଇ ମନ୍ତ୍ରୀଙ୍କୁ ବିରୋଧ

ଭୁବନେଶ୍ୱର, ୨୩।୩(ମହାଭାରତ): ଦୁଇ ମନ୍ତ୍ରୀଙ୍କୁ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷିରେ ବିରୋଧ । ମନ୍ତ୍ରୀଙ୍କୁ ଛାଡ଼ି ଆସୁଥିବା କାରକେଡ୍ ଗାଡ଼ିକୁ ଢେଲା ପଥର ମାଡ଼ କରିଛନ୍ତି ଲୋକ ।

ବର୍ଷା କ୍ଷୟକ୍ଷତି ଆକଳନ ପାଇଁ ମୟୂରଭଞ୍ଜ ବାଙ୍ଗିରିପୋଷି ଯାଇଥିଲେ ମନ୍ତ୍ରୀ ସୁରେଶ ପୂଜାରୀ ଓ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ସମୀକ୍ଷା ସାରି ହେଲିପ୍ୟାଡକୁ ଯାଇଥିଲେ । ସେଠୁ ହେଲିକପ୍ଟରରେ ମନ୍ତ୍ରୀ ଯିବା ପରେ କାରକେଡ୍ ଗାଡ଼ି ଫେରି ଆସୁଥିଲା । ଏହି ସମୟରେ କିଛି ଉତ୍ୟକ୍ତ ଲୋକେ ଗାଡ଼ି ଉପରକୁ ଢେଲା ପଥର ମାଡ଼ କରିଥିଲେ । ଏଥିରେ ମନ୍ତ୍ରୀଙ୍କ କାରକେଡରେ ଯାଇଥିବା କାରର କାଚ୍ ଭାଙ୍ଗି ଯାଇଛି ।

# ସେକ୍ସଟର୍ସନ ଅଭିଯୋଗରେ ନାଇଜେରିଆ ନାଗରିକ ଗିରଫ

ଭୁବନେଶ୍ୱର, ୨୩।୩(ମହାଭାରତ): ସେକ୍ସଟର୍ସନ ଅଭିଯୋଗରେ ନାଇଜେରିଆର ଜଣେ ନାଗରିକଙ୍କୁ କମିଶନରେଟ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଉଛି ନାଇଜେରିଆର ଜେଜେ ରେମନ୍। ସେ କଟକର ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ଭିଡିଓ ଭାଇରାଲ କରିବା ସହ ବ୍ଲାକମେଲ୍ କରି ଟଙ୍କା ମାଗୁଥିଲା । ଲକ୍ଷାଧିକ ଟଙ୍କା ନେବାପରେ ମଧ୍ୟ ବିଦେଶୀ ନାଗରିକ ଜଣକ ଆହୁରି ଟଙ୍କା ମାଗିଥିଲା । ହେଲେ ମହିଳା ବ୍ୟକ୍ତି ଟଙ୍କା ନଦେବାରୁ ତାଙ୍କ ଫଟୋ ଭିଡିଓକୁ ନାଇଜେରିଆର ନାଗରିକ ଜଣକ ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲା । ଯାହାଫଳରେ ସେ ଆତ୍ମହତ୍ୟା କରିଥିଲେ । ପରିବାର ଲୋକ ଏନେଇ ଥାନାରେ ଅଭିଯୋଗ କରିବା ପରେ ଦିଲ୍ଲୀରୁ ଜେଜେ ରେମନ୍ କୁ ଗିରଫ କରିଛି କମିଶନରେଟ୍ ପୋଲିସ ।

ଏନେଇ କଟକ ଡିସିପି କହିଛନ୍ତି, ଗିରଫ ନାଇଜେରିଆ ନାଗରିକକୁ ରିମାଣ୍ଡରେ ଆଣିବୁ । ସେ ଏକାଧିକ ବ୍ୟକ୍ତିର ପରିଚୟ ଦେଇ ଠକେଇ କରିଛନ୍ତି । ନ୍ୟୁଜିଲାଣ୍ଡରୁ ମଧ୍ୟ ପେମେଂଟ ତାଙ୍କ ଆକାଉଂଟକୁ ଆସିଛି। ସେ ଆହୁରି କହିଛନ୍ତି ଯେ, ଅଭିଯୁକ୍ତଠୁ ୫ ମୋବାଇଲ୍ ଓ ୮ଟି ସିମ୍ ଜବତ କରିଛୁ । ଯଦି ଆଉ କେହି ଠକାମୀର ଶିକାର ହୋଇଛନ୍ତି ଜଣାଇପାରିବେ । ଅନେକ ଫେକ୍ ପ୍ରୋଫାଇଲ୍ ତା ମୋବାଇଲ୍ ରୁ ମିଳିଛି । ରିମାଣ୍ଡରେ ଆଣି ଅଧିକ ତଥ୍ୟ ବାହାର କରିବୁ ବୋଲି କଟକ ଡିସିପି କହିଛନ୍ତି ।

## ମଣିପୁରରୁ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଉଦ୍ଧାର

ଇମ୍ଫାଲ, ୨୩।୩(ମହାଭାରତ):ମଣିପୁରର ବିଭିନ୍ନ ଅଞ୍ଚଳରେ ସୁରକ୍ଷାବାହିନୀ ଦ୍ୱାରା କରାଯାଇଥିବା ଅପରେସନରେ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ,ଗୋଳାବାରୁଦ ଏବଂ ଅନ୍ୟ ସନ୍ଦେହଜନକ ସାମଗ୍ରୀ ଉଦ୍ଧାର କରାଯାଇଛି ।ଏହି ସମୟରେ କିଛି ଲୋକଙ୍କୁ ଅଟକ ମଧ୍ୟ ରଖାଯାଇଛି।

ମଣିପୁର ପୋଲିସ ମୁଖପାତ୍ର ରବିବାର କହିଛନ୍ତି ଯେ ସୁଗନୁ ଥାନା ଅଞ୍ଚଳ ଅନ୍ତର୍ଗତ ମୋଲ୍ଟିନଚାନ ଗ୍ରାମ ,କାକଚିଙ୍ଗ ଜିଲ୍ଲାରେ ଏକ ଅପରେସନ ସମୟରେ ସୁରକ୍ଷାବାହିନୀ ଏକ ସ୍ଥାନୀୟ ପୋମ୍ପୀ,ଦୁଇଟି ସିଙ୍ଗଲ ବେରଲ ଗନ,ଗୋଟିଏ .୩୦୩ ରାଇଫଲ,ଗୋଟିଏ ସଂଶୋଧିତ ସୀଏମଜୀ କାର୍ବାଇନ,ନଅଟି .୩୦୩ ଜୀବନ୍ତ କ୍ୟାଟ୍ରିଜ,ଚାରୋଟି ୭.୬୨ ମିମି ଜୀବନ୍ତ କ୍ୟାଟ୍ରିଜ,ତିନୋଟି ଆଇଇଡୀ(୧.୫କିଗ୍ରା,ଏକ କିଗ୍ରା ଏବଂ ୬୦୦ ଗ୍ରାମ)୧୫ ଏକେ -୪୭ ଖାଲି କ୍ୟାଟ୍ରିଜ,୨୦ନଗ.୩୦୩ ଖାଲି କ୍ୟାଟ୍ରିଜ,୨୦ ନଗ ୭.୬୨ ମିମି ଖାଲି କ୍ୟାଟ୍ରିଜ,୩୨ ଇନ୍ସାସ ଖାଲି କ୍ୟାଟ୍ରିଜ,ତିନୋଟି ପୋମ୍ପୀ ଶେଲ,ଦୁଇଟି ବୀପୀ ହେଲମେଟ,ଦୁଇଟି ଜଙ୍ଗଲ ବୁଟ,ଚାରୋଟି ବୀପୀ ଜ୍ୟାକେଟ,ଦୁଇଟି ଟିୟର ଗ୍ୟାସ ସ୍ମୋକ ସେଲ,୧୬ ଟିୟର ସ୍ମୋକ ଶେଲଏବଂ ଅନ୍ୟାନ୍ୟ ଭାରି ଜିନିଷପତ୍ର

### ଜନସଂଖ୍ୟା ଆଧାରରେ ଡିଲିମିଟେସନ

# ଅର୍ଥ କମିଶନରେ ଅର୍ଥ କମ ମିଳିବ- ବିଜେଡି

ଭୁବନେଶ୍ୱର, ୨୩।୩(ମହାଭାରତ): ଡିଲିମିଟେସନ ପ୍ରସଙ୍ଗରେ ବୈଠକ ସାରି ଫେରିବା ପରେ ବିଜେଡି ପ୍ରତିକ୍ରିୟା ରଖିଛି । ବିଜେଡିର ପୂର୍ବତନ ସାଂସଦ ଅମର ପଟ୍ଟନାୟକ କହିଛନ୍ତି ଯେ, ବିଜେପି ଓଡ଼ିଶାରେ ସରକାର କରିଛି । ଓଡ଼ିଶାର କ୍ଷତି ହେବାକୁ ଯାଉଛି । ରାଜନୈତିକ ପ୍ରତିନିଧିତ୍ୱ କମିବାକୁ ଯାଉଛି । ଏପରିକି ଜନସଂଖ୍ୟା ଆଧାରରେ ଡିଲିମିଟେସେନ ହେଲେ ଅର୍ଥ କମିଶନରେ ଅର୍ଥ କମ ମିଳିବ। କିନ୍ତୁ ବିଜେପି ସରକାର ଚୁପ ହୋଇ ବସିଛନ୍ତି । ପାର୍ଟି ଠୁ ବଡ଼ ମାଟି । କିନ୍ତୁ ବିଜେପି ମାଟି କଥା ନ ଭାବି ଯଦି ଏ ପ୍ରସଙ୍ଗକୁ ରାଜନୈତିକ ରଙ୍ଗ ଦେବ କେମିତି ହେବ। ନବୀନ ସବୁବେଳେ ମାଟି କଥା ଭାବୁଛନ୍ତି। ସେଥିପାଇଁ ତାମିଲନାଡୁ ବୈଠକକୁ ବିଜେଡିକୁ ପଠାଇଥିଲେ। ଓଡ଼ିଶାରେ ଶାସକ ଦଳ ହୋଇ ବି ଓଡ଼ିଶାର ସ୍ୱାର୍ଥ କଥା ନ ଭାବି ଚୁପ ରହିବା ଓ ଉପରୁ ନିର୍ଦ୍ଦେଶ ଆସୁ ନାହିଁ ବୋଲି ମୁହଁ ବନ୍ଦ ଅଛି । କିନ୍ତୁ ଓଡ଼ିଶାବାସୀଙ୍କ ସ୍ୱାର୍ଥ କଥା ତ ଭାବିବା ଦରକାର। ବିଜେପିର ଓଡିଶା ନେତା ତ କିଛି କହିବାର ଥିଲା। ତେଣୁ ଏ ପ୍ରସଙ୍ଗରେ କିଛି ନ କହିବା ହାସ୍ୟାସ୍ପଦ କଥା ବୋଲି କହି କଟାକ୍ଷ କରିଛନ୍ତି ବରିଷ୍ଠ ବିଜେଡି ନେତା ଅମର ପଟ୍ଟନାୟକ।



ଡିଲିମିଟେସନ ପ୍ରତି ୧୦ ବର୍ଷରେ ହେବା କଥା ଯାହା ସମ୍ବିଧାନରେ ଅଛି। କିନ୍ତୁ ୧୯୭୧ ପରେ ଆଉ ହେଲା ନାହିଁ। ମାଲଆପୋରସନମେଣ୍ଟ ଯୋଗୁ ସମସ୍ୟା ହେଲା। ଦକ୍ଷିଣ ରାଜ୍ୟ ଓ ପୂର୍ବ ରାଜ୍ୟ ଓଡିଶା ଓ ପଞ୍ଜାବ ମଧ୍ୟ ଯଦି ଜନସଂଖ୍ୟା ହିସାବରେ ଡିଲିମିଟେସନ ହେଲେ ଏମପି ଓ ଏମଏଲଏ ସିଟ କମିବାର ଆଶଙ୍କା ରହିଛି। ଯାହା ଫଳରେ ରାଜ୍ୟ ଗୁଡିକର ରାଜନୈତିକ ପ୍ରତିନିଧିତ୍ୱ କମିବାର ଆଶଙ୍କା ଅଛି। ଯଦି ବଢ଼ାଇ ଦିଆଯାଏ ତାହେଲେ ଅନ୍ୟ ରାଜ୍ୟରେ ବହୁ ଅଧିକ ବଢିଯିବ।ଆନୁପତିକ ଭାବେ ସଂସଦରେ ବହୁ ରାଜ୍ୟର କ୍ଷମତା କମିଯିବ। ସେଥିପାଇଁ ତାମିଲନାଡୁରେ ବୈଠକ ହୋଇଥିଲା। ସେଠି ବୈଠକରେ କେରଳ ମୁଖ୍ୟମନ୍ତ୍ରୀ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ, ତେଲେଙ୍ଗାନାର କେସିଆରଙ୍କ ପାର୍ଟିର କେଟିଆର, କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର, ପଞ୍ଜାବ ମୁଖ୍ୟମନ୍ତ୍ରୀ ଆସିଥିଲେ। ଅନ୍ୟ ବହୁ ରାଜନୈତିକ ଦଳର ପ୍ରତିନିଧି ଯୋଗ ଦେଇଥିଲେ। ଯଦି ଜନସଂଖ୍ୟା ହିସାବରେ କରାଯାଏ ତାହେଲେ ଓଡ଼ିଶାର ପ୍ରଭୁତ କ୍ଷତି ହେବ। ଲୋକସଂଖ୍ୟା ଆଧାରରେ ସୀମା ପୁନଃ ନିର୍ଦ୍ଧାରଣ କରାଯାଇ ପାରିବ ନାହିଁ। ଯେଉଁ ରାଜ୍ୟ କେନ୍ଦ୍ରର ପଲିସି ଅନୁଯାୟୀ ଜନସଂଖ୍ୟା ନିୟନ୍ତ୍ରଣ କଲେ ସେମାନଙ୍କୁ କଣ ଏଥିପାଇଁ ପେନାଲଟି ଦେବାକୁ ପଡିବ କି। ସେହି ପଏଣ୍ଟକୁ ନବୀନ ବାବୁ ରଖିଛନ୍ତି। ବରଂ ଓଡିଶା ପୁରସ୍କୃତ ହେବା କଥା। ଏହି ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ଟର୍ମସ ଆଣ୍ଡ କଣ୍ଡିସନ୍ସ କଣ ରହିବ ସବୁ ଦଳ ଓ ଷ୍ଟେକ ହୋଲ୍ଡରଙ୍କ ସହ ଆଲୋଚନା କରି ହେବା କଥା ବୋଲି କହିଛନ୍ତି ବରିଷ୍ଠ ବିଜେଡି ନେତା ଅମର ପଟ୍ଟନାୟକ ।

## ନଈ ନ ଦେଖୁଣୁ ଲଙ୍ଗଳା ହେଲା ଭଳି ନ ହୁଅନ୍ତୁ : ପୃଥ୍ୱୀରାଜ

ଭୁବନେଶ୍ୱର, ୨୩।୩(ମହାଭାରତ): ଡିଲିମିଟେସନ ନେଇ ଚେନ୍ନାଇରେ ବସିଥିବା ବୈଠକରେ ବିଜେଡି ଯୋଗ ଦେବାକୁ ନେଇ ବିଜେପି କଡା ଟାର୍ଗେଟ କରିଛି । ଗତ ୮, ୧୦ ବର୍ଷ ଧରି ସରକାରକୁ ଦକ୍ଷିଣ ଭାରତୀୟ ଲୋକ ଚଳେଇଲେ । ଏବେ ଦକ୍ଷିଣ ଭାରତ ସହ ଅସୁବିଧା କଣ ଅଛି । ଡିଲିମିଟେସନ ପାଇଁ ନୋଟିଫିକେସନ ଆସିନି । ହେଲେ ଏବେଠୁ ନଈ ନ ଦେଖୁଣୁ ଲଙ୍ଗଳା ହେଲା ଭଳି ନ ହୁଅନ୍ତୁ । ଯଦି କିଛି ଭୁଲ ଥିବ ପରାମର୍ଶ ଦେବାର ଅଧିକାର ବିରୋଧୀଙ୍କର ଅଛି । କେନ୍ଦ୍ର ସରକାର ସବୁ ବେଳେ ଗଣତନ୍ତ୍ରର ପରିସୀମା ଭିତରେ ଚାଲିଥାନ୍ତି । ଗଣତନ୍ତ୍ରର ଅଧିକାର କୌଣସି ଜାଗାରେ କ୍ଷୁର୍ଣ୍ଣ ହେବାର ନାହିଁ । ବିରୋଧୀ ଦଳ ଏତେ ଭୟଭୀତ ନ ହୋଇ ଅପେକ୍ଷା କରନ୍ତୁ ବୋଲି କହିଛନ୍ତି ପୃଥ୍ୱୀରାଜ ହରିଚନ୍ଦନ ।



## ଅଙ୍ଗନବାଡ଼ି ଛତୁଆ ଖାଇ ଦୁଇ ଭଉଣୀ ମୃତ

ଗଜପତି, ୨୩।୩(ମହାଭାରତ): ବିଷାକ୍ତ ଛତୁଆ ଖାଇ ଦୁଇ ଭଉଣୀଙ୍କ ଜୀବନ ଚାଲିଯାଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ରାମଗିରିରେ। ଦୁଇ ଭଉଣୀ ତୁଳସୀ ବଡମୁଣ୍ଡି(୬)ଏବଂ ଗୁଣବତୀ ବଡମୁଣ୍ଡି (୩) ମୃତ୍ୟୁବରଣ କରିଥିବା ବେଳେ ବାପା ଏବଂ ବଡ ଭଉଣୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ।ବାପା ଅର୍ଜୁନ ଓ ବଡ଼ ଝିଅ ସୁମିତ୍ରା ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଶୁକ୍ରବାର ରାମଗିରି ହାଟପଦା ଅଙ୍ଗନବାଡ଼ିରୁ ମିଳିଥିବା ଛତୁଆ ଖାଇଥିବା ଅଭିଯୋଗ ହୋଇଛି। ଖବର ପାଇବା ପରେ ସ୍ଥାନୀୟ ଆଶା ଦିଦି ଶାନ୍ତିଲତା ବଡମୁଣ୍ଡି ସେମାନଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସମ୍ପୃକ୍ତ ଆଶା ଦିଦି ହିଁ ଛତୁଆ ଖାଇ ଦୁଇଜଣ ମୃତ୍ୟୁ ବରଣ କରିଥିବା ସୂଚନା ଦେଇଛନ୍ତି।

## ଫେରାର ଅପରାଧୀଙ୍କ ବିରୁଦ୍ଧରେ ଲଟକା ଜାରି କରୁଛି ପୋଲିସ

ଭୁବନେଶ୍ୱର, ୨୩।୩(ମହାଭାରତ):- ଫେରାର ଅପରାଧୀଙ୍କ ବିରୁଦ୍ଧରେ ଲଟକା ଜାରି କରୁଛି ପୋଲିସ । ଏନେଇ ଭୁବନେଶ୍ୱର ଡିସିପି ଜଗମୋହନ ମିନା ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଯେଉଁ ମାନେ ପେସାଦାର ଅପରାଧୀ ସେମାନଙ୍କ ତାଲିକା କରିଛି ପୋଲିସ । ୨୦୨୦ରେ ଜଣେ ଅଭିଯୁକ୍ତଙ୍କ ଘରେ ଲଟକା ଜାରି କରାଯାଇଛି । ଅଭିଯୁକ୍ତ ହେଲେ ଅକ୍ଷୟ ନାୟକ । ତାଙ୍କ ଘର କେଦାରପଲି ବସ୍ତିରେ । ସେ ଏକ ପୋକସୋ ମାମଲାରେ ଫେରାର ଅଛନ୍ତି । ପୋଲିସ ଆଜି ତାଙ୍କ ଘରେ ଲଟକା ଜାରି କରିଛି । ସେ ପୋଲିସ ପାଖରେ ଆତ୍ମସମର୍ପଣ ନକଲେ ତାଙ୍କ ସମ୍ପତି ଜବତ କରାଯିବ ବୋଲି କହିଛନ୍ତି ଡିସିପି ଭୁବନେଶ୍ୱର ।

# ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ କେନ୍ଦ୍ର ମନ୍ତ୍ରୀ ମନୋହର ଲାଲ

ଭୁବନେଶ୍ୱର, ୨୩।୩(ମହାଭାରତ): କେନ୍ଦ୍ର ଶକ୍ତି, ଆବାସ ଏବଂ ସହରାଂଚଳ ବ୍ୟାପାର ମନ୍ତ୍ରୀ ଶ୍ରୀ ମନୋହର ଲାଲ ରବିବାର ଭୁବନେଶ୍ୱରଠାରେ ଓଡ଼ିଶାର ଶକ୍ତି କ୍ଷେତ୍ରର ବିକାଶ ଉପରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକ କରିଛନ୍ତି ।

ଏହି ବୈଠକରେ ପାଉଁଶ (ଫ୍ଲାଏ ଆଶ୍) ର ଉପଯୋଗ, କ୍ଷମତା ବୃଦ୍ଧି, ସଂଚାରଣ ଭିତିଭୂମି ଏବଂ ବିଦ୍ୟୁତ ଆବଣ୍ଟନ ଭଳି ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଫ୍ଲାଇ ଆଶ ଉପଯୋଗ ଲକ୍ଷ୍ୟ ପ୍ରାପ୍ତି ପ୍ରସଙ୍ଗରେ ଶ୍ରୀ ମନୋହର ଲାଲ ଆଶ୍ୱାସନା ଦେଇଥିଲେ ଯେ, ଫ୍ଲାଇ ଆଶ ପରିବହନ ପାଇଁ ପର୍ଯ୍ୟାପ୍ତ ରେଳ ରେକ୍ ବ୍ୟବସ୍ଥା ସମେତ ଏହି ପ୍ରସଙ୍ଗର ବ୍ୟାପକ ସମାଧାନ ନିମନ୍ତେ କୋଇଲା, ପରିବେଶ ଏବଂ ରେଳ ମନ୍ତ୍ରଣାଳୟ ସହିତ ଏକ ମିଳିତ ବୈଠକ ଡକାଯିବ।

ବର୍ଦ୍ଧିତ ବିଦ୍ୟୁତ୍ ଚାହିଦା ପୂରଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରି ରାଜ୍ୟ ସରକାର ବୈଠକରେ ସୂଚନା ଦେଇଥିଲେ ଯେ,




ଓଡ଼ିଶାରେ ବର୍ତମାନ ୨୦ ଗିଗାୱାଟ କୋଇଲା ଭିତିକ ତାପଜ ବିଦ୍ୟୁତ ଉତ୍ପାଦନ କ୍ଷମତା ରହିଛି ଏବଂ ୧୦ ଗିଗାୱାଟ ଅତିରିକ୍ତ କ୍ଷମତା ବିକାଶ ପାଇଁ ଯୋଜନା କରାଯାଇଛି ଯାହା ଆସନ୍ତା ୫ ରୁ ୬ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। କେନ୍ଦ୍ର ମନ୍ତ୍ରୀ ଓଡ଼ିଶାରେ ଅଧିକ ପିଟ-ହେଡ୍ ତାପଜ ବିଦ୍ୟୁତ ପ୍ଲାଣ୍ଟର ବିକାଶକୁ ପ୍ରୋତ୍ସାହିତ କରିଥିଲେ, ଯେଉଁଥିରେ ଅନ୍ୟ ରାଜ୍ୟର ବିଦ୍ୟୁତ୍ ଉତ୍ପାଦନ କମ୍ପାନୀ ସହିତ ମିଳିତ ଉଦ୍ୟୋଗ ସାମିଲ ରହିଛି।

ସଞ୍ଚାରଣ କ୍ଷେତ୍ରରେ ଓଡ଼ିଶାର ରାଜ୍ୟବ୍ୟାପୀ ଯୋଜନା ରଣନୀତି ଏବଂ ଭୁବନେଶ୍ୱର ଓ କଟକ ଭଳି ସହରକୁ ବିଦ୍ୟୁତ ଯୋଗାଣ ସୁଦୃଢ଼ କରିବା ଲାଗି ନିକଟରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ରାଇଟ୍ ଅଫ୍ ୱେ (ଆରଓଡବ୍ଲ୍ୟୁ) ସମସ୍ୟାର ସମାଧାନ ପାଇଁ ଓଡ଼ିଶା ପାୱାର ଟ୍ରାନ୍ସମିସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ) ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ବୈଠକରେ କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ, ଓଡ଼ିଶାର ରାଜ୍ୟବ୍ୟାପୀ ସଞ୍ଚାରଣ ନେଟୱର୍କ ଅଧୀନରେ ଗ୍ରୀନ୍ ଏନର୍ଜି କରିଡର ପ୍ରତିଷ୍ଠା ପ୍ରସ୍ତାବକୁ ସଂକଳନ ପ୍ରକ୍ରିୟା ସମାପ୍ତ ହେବା ପରେ ୩୧ ମାର୍ଚ୍ଚ, ୨୦୨୫ ପରେ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଦ୍ୱାରା ଗ୍ରହଣ କରାଯିବ।

ପୁନର୍ବିକଶିତ ବିତରଣ କ୍ଷେତ୍ର ଯୋଜନା (ଆରଡିଏସଏସ) ର ପରବର୍ତୀ ପର୍ଯ୍ୟାୟରେ ଓଡ଼ିଶାକୁ ସାମିଲ କରିବା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ ଯେ ଏହି ପ୍ରସଙ୍ଗକୁ ଉପଯୁକ୍ତ ଢଙ୍ଗରେ ଗ୍ରହଣ କରାଯିବ। ବିଦ୍ୟୁତ ଆବଂଟନ ସମ୍ପର୍କରେ ସେ କହିଥିଲେ ଯେ ଶକ୍ତି ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ଏନଏଲସିଆଇଏଲର ତଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରୁ ଓଡ଼ିଶାକୁ ପର୍ଯ୍ୟାପ୍ତ ବିଦ୍ୟୁତ ମିଳିବ।

କେନ୍ଦ୍ରମନ୍ତ୍ରୀ ମନୋହର ଲାଲଙ୍କ ଏହି ଗସ୍ତ ଓଡ଼ିଶାର ଶକ୍ତି ଭିତିଭୂମିକୁ ସୁଦୃଢ଼ କରିବା ଏବଂ ରାଜ୍ୟରେ ଶକ୍ତି କ୍ଷେତ୍ରର ନିରନ୍ତର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## 'ମଲାଇ ମଶରୁମ୍'

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ। କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ। 'ମଲାଇ ମଶରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।



**ଖବର**

## ପୁଣି ଶୁଭିଲା ସନି ଦେଓଲଙ୍କ ଗର୍ଜନ: ଆସିଲା 'ଜାଟ୍' ପ୍ରୋମୋ,



ଆସୁଛି ସନି ଦେଓଲ ଅଭିନୀତ ଫିଲ୍ମ 'ଜାଟ୍'। ଏହି ଚଳଚ୍ଚିତ୍ର ଆସନ୍ତା ମାସ ପ୍ରେକ୍ଷାଳୟକୁ ଆସିବ। ଏହା ପୂର୍ବରୁ ପ୍ରଶଂସକ ଏହାର ଟ୍ରେଲର ଅପେକ୍ଷାରେ ଅଛନ୍ତି ଏବଂ ଖୁବଶୀଘ୍ର ଏହି ଅପେକ୍ଷାର ଅନ୍ତ ହେବାକୁ ଯାଉଛି। ରବିବାର ନିର୍ମାତା ଚଳଚ୍ଚିତ୍ରର ଟ୍ରେଲର ରିଲଜ୍ ତାରିଖ ବିଷୟରେ ସୂଚନା ଦେଇଛନ୍ତି। ନିର୍ମାତା ଫିଲ୍ମର ଏକ ପ୍ରୋମୋ ଶେୟାର କରିଛନ୍ତି, ଯେଉଁଥିରେ ସନି ଦେଓଲଙ୍କ ଗର୍ଜନ ଶୁଣିବାକୁ ମିଳିଛି। ଏହି ପ୍ରୋମୋରେ ଟ୍ରେଲର ରିଲିଜ୍ ତାରିଖ ଘୋଷଣା କରାଯାଇଛି । ଆସନ୍ତାକାଲି ଅର୍ଥାତ୍ ମାର୍ଚ୍ଚ ୨୪ ତାରିଖରେ ରିଲିଜ୍ ହେବ 'ଜାଟ୍'ର ଟ୍ରେଲର।୨୦୨୩ରେ ମୁକ୍ତିଲାଭ କରିଥିବା ସନି ଦେଓଲଙ୍କ ଫିଲ୍ମ 'ଗଦର ୨' ବକ୍ସ ଅଫିସରେ ହଇଚଇ ସୃଷ୍ଟି କରିଥିଲା। ଏହା ମାଧ୍ୟମରେ ତାଙ୍କର ଜବରଦସ୍ତ ପ୍ରତ୍ୟାବର୍ତ୍ତନ ହୋଇଥିଲା ଏବଂ ଅଭିନେତାଙ୍କ ନିକଟକୁ ଫିଲ୍ମର ସୁଅ ଛୁଟିଥିଲା। 'ଗଦର ୨' ପରେ ସନି ଦେଓଲ ଏବେ ଖୁବଶୀଘ୍ର ଫିଲ୍ମ 'ଜାଟ୍'ରେ ନଜର ଆସିବେ। ଆଜି ଏହାର ଟ୍ରେଲର ପ୍ରେମୋ ପିପଲ ମିଡିଆ ଫ୍ୟାକ୍ଟ୍ରିର ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରୁ ଶେୟାର କରାଯାଇଛି। ପ୍ରୋମୋରେ ଏକ ଟ୍ରକ୍ ଦେଖିବାକୁ ମିଳିଛି। ଏଥିସହ ସନିଙ୍କ ଝଲକ୍ ସହ ତାଙ୍କ ଗର୍ଜନ ମଧ୍ୟ ଶୁଣିବାକୁ ମିଳିଛି। ସନି ଗର୍ଜନ କରି 'ସରୀ ବୋଲ୍' କହୁଥିବା ଶୁଣିବାକୁ ମିଳିଛି। ନିର୍ମାତା ପୋଷ୍ଟ ସହ କ୍ୟାପ୍ସନରେ ଲେଖିଛନ୍ତି, ''ଧମାକାଦାର ଟ୍ରେଲରର ଝଲକ। ସମ୍ପୂର୍ଣ୍ଣ ଟ୍ରେଲର ମାର୍ଚ୍ଚ ୨୪ ତାରିଖ ଦିନ ୧୨.୦୬ରେ ରିଲିଜ୍ ହେବ।'' ଏହି ଫିଲ୍ମ ଏପ୍ରିଲ ୧୦ରେ ମୁକ୍ତିଲାଭ କରିବ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ଗୋପୀଚନ୍ଦ ମାଲିନେନୀ ବହନ କରିଛନ୍ତି।ଏଥିରେ ସନି ଦେଓଲଙ୍କ ବ୍ୟତୀତ ରଣଦୀପ ହୁଡ୍ଡା, ରେଜିନା, ଭିନୀତ କୁମାର ସିଂହ, ପ୍ରଶାନ୍ତ ବଜାଜ ଓ ସୈୟାମୀ ଖେର ପ୍ରମୁଖ କଳାକାର ନଜର ଆସିବେ।

## ମନୁଷ୍ୟ ଦୁଃଖର ସବୁଠୁ ବଡ଼ କାରଣ



ଆଚାର୍ଯ୍ୟ ଚାଣକ୍ୟ ତାଙ୍କ ନୀତିରେ ସଫଳ ଜୀବନ ପାଇଁ କେତେକ ନୀତି କହିଛନ୍ତି । ଏହି ନୀତି ଗୁଡିକ ଭିତରୁ କେତେ ନୀତି ବା ବିଚାର ଆପଣଙ୍କୁ କଠୋର ଲାଗିପାରେ କିନ୍ତୁ ଏହି କଠୋରତା ହିଁ ଜୀବନର ସତ୍ୟ ଅଟେ । ବ୍ୟସ୍ତ ବହୁଳ ଜୀବନରେ ଆପଣ ଏହି ବିଚାରଗୁଡିକୁ ଅଣଦେଖା କରିଦେଇ ପାରନ୍ତି କିନ୍ତୁ ଏହା ଜୀବନର ପ୍ରତିଟି ଘଡ଼ିସନ୍ଧି ମୁହୂର୍ତ୍ତରେ ଆପଣଙ୍କୁ ସାହାଯ୍ୟ କରିଥାଏ । କୁହାଯାଏ ଯଦି କେହି ଚାଣକ୍ୟଙ୍କ ନୀତି ମାନିଥାନ୍ତି, ତାଙ୍କୁ ନିଶ୍ଚିତ ଭାବେ ସଫଳତା ମିଳିଥାଏ ।

☐ ଚାଣକ୍ୟ କହିଛନ୍ତି, ଦୁଃଖ ଓ ସୁଖ ମନୁଷ୍ୟ ଜୀବନର ଜଣେ ସାଥୀ । ଯାହା ସମୟ ସମୟରେ ମନୁଷ୍ୟ ପାଖକୁ ଆସିଥାଏ । ହେଲେ ଏପରି ଏକ ଜିନିଷ ଯାହା ମନୁଷ୍ୟ ପାଇଁ ଦୁଃଖର କାରଣ ହୋଇଯାଏ । ଯଦି ଏହାକୁ ବ୍ୟକ୍ତି କାବୁ କରିଦିଏ, ଦେବେ ଖୁସିରେ ଆପଣଙ୍କ ଜୀବନ ଭରିଯିବ । ମନୁଷ୍ୟ ନିଜେ ହିଁ ନିଜ କର୍ମ ଦ୍ୱାରା ଜୀବନରେ ଦୁଃଖକୁ ଆମନ୍ତ୍ରଣ କରିଥାଏ:

☐ କର୍ମ ହେଉଛି ପୂଜା, ଯେମିତି କର୍ମ କରିବ ସେମିତି ଫଳ ପାଇବ । ଭଲ କର୍ମ କରୁଥିବା ବ୍ୟକ୍ତି ସବୁ ସ୍ଥାନରେ ସମ୍ମାନ ପାଇଥାଏ । ଖରାପ କର୍ମ କରୁଥିବା ବ୍ୟକ୍ତି ସର୍ବଦା ଦୁଃଖକୁ ଆମନ୍ତ୍ରଣ କରିଥାଏ । ମନୁଷ୍ୟକୁ ବର୍ତ୍ତମାନ ସହ ତା'ର ପୂର୍ବ ଜନ୍ମର ଫଳ ମଧ୍ୟ ମିଳିଥାଏ । ଅନ୍ୟର ଯଦି ଭଲ ନ କରିପାରୁଛ, ତେବେ ଖରାପ କରନାହିଁ ।

☐ ଦୁଃଖ ଓ ସୁଖ ସ୍ଥାୟୀ ନୁହେଁ, ହେଲେ ଯେଉଁ ବ୍ୟକ୍ତି ଅଧିକ ସମୟ ଦୁଃଖ ଓ କଷ୍ଟରେ ରହିଥାଏ ତାହା ତାର କର୍ମ ଫଳ ହୋଇଥାଏ । କେତେକ କର୍ମ ଫଳ ଏହି ଜନ୍ମରେ ମଧ୍ୟ ମିଳିଥାଏ । ଖୁସି ସମୟ ଆସିଲେ ମନୁଷ୍ୟ ନିଜର ଦୁଃଖ ସମୟ ଭୁଲିଯାଏ । ତାକୁ ସେତେବେଳେ ଭଲ, ମନ୍ଦ ଓ ଛୋଟ-ବଡ଼ କାମର ବୁଝିବା ଆସିନଥାଏ । ପାରିବାରିକ, ଆର୍ଥିକ, ସାମଜିକ ସ୍ତରରେ କିଛି ଭୁଲ କରି ବସନ୍ତି, ଯାହାକି ଦୁଃଖର କାରଣ ହୋଇଯାଏ । ଚାଣକ୍ୟ କୁହନ୍ତି ଯେ ବ୍ୟକ୍ତି ନିଜର କର୍ମଫଳ ଦ୍ୱାରା ଦୁଃଖକୁ ନିମନ୍ତ୍ରଣ କରିଥାଏ ।

## ମଙ୍ଗଳସୂତ୍ରର ମହତ୍ତ୍ୱ

ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ । ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି। ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ୍ୟ ରହିଛି ।

**ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ-**

ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ନିର୍ମିତ ହୋଇଥାଏ। ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ। ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି ।



**ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା-**

ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ଏହାସହ ବହୁ ଗହଣା ପିନ୍ଧିବାର ମଧ୍ୟ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ୍ୟ ସେହି ଗହଣା ମଧ୍ୟରୁ ଗୋଟିଏ । ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୁତ୍ର ପିନ୍ଧିଥାଏ। ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ।

## ନଟରାଜ



ତନ ଧର୍ମରେ ତ୍ରିଦେବଙ୍କ ମଧ୍ୟରୁ ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ ଏବଂ ଶକ୍ତିଶାଳୀ ବିବେଚିତ ହେଉଥିବା ଭଗବାନ ଶିବଙ୍କ ବିବିଧ ସ୍ୱରୂପ ଏବଂ ଲୀଳା ସର୍ବଦା ଭକ୍ତଗଣଙ୍କ ପାଇଁ ଜିଜ୍ଞାସାର ବିଷୟ ପାଲଟିଛି । ଐତିହାସିକ ମାନ୍ୟତା ଅନୁଯାୟୀ, ଶିବଙ୍କ ଅର୍ଦ୍ଧନାରୀଶ୍ୱର ଏବଂ ହରିହର ସ୍ୱରୂପ ଗୁପ୍ତଯୁଗ ସମୟରୁ ପୂଜିତ ହୋଇଆସୁଛନ୍ତି । ହରିହର ସ୍ୱରୂପ ସମ୍ବନ୍ଧରେ କୁହାଯାଇଛି ଯେ ଏହାର ପ୍ରବର୍ତ୍ତନ ଶୈବ ଏବଂ ବୈଷ୍ଣବ ଧର୍ମ ମଧ୍ୟରେ ରହିଥିବା ବିଭେଦ ଦୂର କରିବା ଲାଗି ହୋଇଥିଲା । ନାରୀ-ପୁରୁଷଙ୍କୁ ପରସ୍ପରର ପରିପୂରକ ବୋଲି ଦର୍ଶାଇବା ଲାଗି ଅର୍ଦ୍ଧନାରୀଶ୍ୱର ସ୍ୱରୂପରେ ଭଗବାନ ଶିବଙ୍କୁ ପୂଜା କରାଯାଉଥିଲା । ଏହିପରି ଭଗବାନ ଶିବଙ୍କ ନଟରାଜ ସ୍ୱରୂପର ଉତ୍ପତି ବିଷୟକ ଧାରଣା "ଆନନ୍ଦମ୍ ତାଣ୍ଡବମ୍" ସହିତ ଜଡ଼ିତ । 'ନଟରାଜ' ଶବ୍ଦର ଅର୍ଥ ହେଉଛି ନଟ ବା ନାଚ କରୁଥିବା ରାଜା । ଏହାର ସହଜ ଅର୍ଥ ହେଉଛି ସଂସାରର ସମସ୍ତ ନୃତ୍ୟରତ ପ୍ରାଣୀଙ୍କ ନେତୃତ୍ୱ ଭଗବାନ ଶିବ ନେଇଥାନ୍ତି । ସେହିପରି ସୃଷ୍ଟିର ପୁନଃନିର୍ମାଣ ଲାଗି ଭଗବାନ ଶିବ ନିର୍ଦ୍ଦେଶକ ଭୂମିକା ତୁଲାଇଥାନ୍ତି । ଭଗବାନ ଶିବଙ୍କ ତାଣ୍ଡବର ଦୁଇଟି ସ୍ୱରୂପ ରହିଛି । ପ୍ରଥମଟି କ୍ରୋଧର ପରିଚାୟକ, ଅର୍ଥାତ୍ ପ୍ରଳୟଙ୍କାରୀ ରୌଦ୍ର ତାଣ୍ଡବ । ଅନ୍ୟଟି ଆନନ୍ଦ ପ୍ରଦାନକାରୀ, ଆନନ୍ଦ ତାଣ୍ଡବ । ଅଧିକାଂଶ ଲୋକ ତାଣ୍ଡବ ଶବ୍ଦକୁ ଶିବଙ୍କ କ୍ରୋଧ ସ୍ୱରୂପ ବୋଲି ମାନିଥାନ୍ତି । ରୌଦ୍ର ତାଣ୍ଡବ କରୁଥିବା ଶିବ ରୁଦ୍ର କହିଥାନ୍ତି । ଆନନ୍ଦ ତାଣ୍ଡବ କରୁଥିବା ଶିବ ନଟରାଜ । ପ୍ରାଚୀନ ଆଚାର୍ଯ୍ୟଙ୍କ ମତାନୁସାରେ ଶିବଙ୍କ ଆନନ୍ଦ ତାଣ୍ଡବ ସହିତ ସୃଷ୍ଟି ଅସ୍ତିତ୍ୱ ମଧ୍ୟକୁ ଆସିଛି ତଥା ତାଙ୍କର ରୌଦ୍ର ତାଣ୍ଡବ ଯୋଗୁ ସୃଷ୍ଟିର ବିନାଶ ହୋଇଥାଏ । ଶିବଙ୍କ ନଟରାଜ ସ୍ୱରୂପ ମଧ୍ୟ ତାଙ୍କର ଅନ୍ୟ ସ୍ୱରୂପ ଭଳି ମନମୋହକ ।

ନଟରାଜ ଶିବଙ୍କ ପ୍ରସିଦ୍ଧ ପ୍ରାଚୀନ ମୂର୍ତ୍ତିରେ ତାଙ୍କର ୪ ବାହୁ ରହିଛି । ତାଙ୍କର ଚାରିପାଖେ ଅଗ୍ନି ପ୍ରଜ୍ୱଳିତ । ତାଙ୍କର ଗୋଟିଏ ପାଦ ଏକ ଦୈତ୍ୟକୁ ଚାପି ଧରିଥିବା ବେଳେ ଅନ୍ୟ ପାଦଟି ନୃତ୍ୟ ମୁଦ୍ରାରେ ଥାଏ । ସେ ନିଜର ପ୍ରଥମ ଡାହାଣ ହାତରେ ଡମ୍ବରୁ ଧରିଛନ୍ତି (ଯାହା ଉପରେ ରହିଛି) । ଡମ୍ବରୁ ସ୍ୱର ସୃଜନ ବା ସୃଷ୍ଟିର ପ୍ରତୀକ । ଏଥିରୁ ଜଣାପଡ଼େ ଶିବ ସୃଷ୍ଟି ନିର୍ମାଣ କରିଥାନ୍ତି । ଉପରେ ଥିବା ତାଙ୍କର ବାମ ହାତରେ ଅଗ୍ନି ଥାଏ, ଯାହା ବିନାଶର ପ୍ରତୀକ । ଅର୍ଥାତ୍ ଶିବ ମଧ୍ୟ ବିନାଶର କାରଣ ସାଜିଥାନ୍ତି । ତଳେ ଥିବା ତାଙ୍କର ଡାହାଣ ହାତ ବିଳୟର ପ୍ରତୀକ । ଅନ୍ୟ ହାତ ଅଭୟ ମୁଦ୍ରାରେ ଥାଏ । ଯାହାର ଅର୍ଥ ହେଉଛି ଭଗବାନ ଶିବ ସମସ୍ତ ସଂସାରକୁ କୁଦୃଷ୍ଟିରୁ ରକ୍ଷା କରିଥାନ୍ତି ।

ଶିବଙ୍କ ଉଠି ରହିଥିବା ନୃତ୍ୟରତ ପାଦ ମୋକ୍ଷର ପ୍ରତୀକ । ତାଙ୍କର ଦ୍ୱିତୀୟ ବାମ ହାତ ତାଙ୍କର ପାଦ ଆଡ଼କୁ ଇଙ୍ଗିତ କରିଥାଏ । ଏହାର ଅର୍ଥ ଭଗବାନ ଶିବ ମୋକ୍ଷ ମାର୍ଗ ଲାଗି ପରାମର୍ଶ ଦେଇଥାନ୍ତି । ଏଥିରୁ ଆମେ ବୁଝିବା ଉଚିତ ଯେ ଶିବଙ୍କ ଚରଣରେ ମୋକ୍ଷ ରହିଛି । ତାଙ୍କ ପାଦ ତଳେ ଚାପି ହୋଇରହିଥିବା ଦାନବ ଅଜ୍ଞାନତାର ପ୍ରତୀକ । ଯାହାକୁ ଶିବ ନଷ୍ଟ କରିଦେଇଥାନ୍ତି । ଶିବ ଅଜ୍ଞାନର ବିନାଶ କରିଥାନ୍ତି । ନଟରାଜଙ୍କ ଚର୍ତୁଦିଗରେ ଉଠୁଥିବା ଗୋଲାକାର ଅଗ୍ନି ସ୍ଫୁଲିଙ୍ଗ ବ୍ରହ୍ମାଣ୍ଡର ପ୍ରତୀକ । ତାଙ୍କ ଶରୀରରେ ଝୁଲି ରହିଥିବା ସର୍ପ କୁଣ୍ଡଳିନୀ ଶକ୍ତିର ପ୍ରତୀକ । ତାଙ୍କର ସମ୍ପୂର୍ଣ୍ଣ ଆକୃତି 'ଓଁ'କାର ସ୍ୱରୂପ ଭଳି ଦେଖାଯାଇଥାଏ । ଯାହା ସୂଚାଇ ଦିଏ ଯେ ଶିବଙ୍କ ମଧ୍ୟରେ ହିଁ 'ଓଁ' ନିହିତ ରହିଛି ।

## ଭଗବାନଙ୍କ ମନରୁ ସୃଷ୍ଟି ସପ୍ତର୍ଷି

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, "ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା । ମଦ୍‌ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ।।" ଅର୍ଥାତ୍



ସପ୍ତର୍ଷି ମୋର ମନରୁ ଉତ୍ପନ୍ନ ହୋଇଛନ୍ତି ଏବଂ ସେମାନେ ମୋର ହିଁ ବିଭୂତି । ଯେଉଁ ବ୍ୟକ୍ତି ପ୍ରାତଃ କାଳରୁ ଉଠି ଏମାନଙ୍କ ନାମ ଧ୍ୟାନ କରିଥାଏ, ତାହାର ଫଳ ସ୍ୱରୂପ ଉକ୍ତ ବ୍ୟକ୍ତିର ସାରାଦିନ ଉତ୍ସାହ ଏବଂ ଆନନ୍ଦରେ କଟିଥାଏ । ଦିନର ଆରମ୍ଭ ଉତ୍ତମ ହେଲେ ଏହାର ପ୍ରଭାବାରେ ସାରା ଦିନ ଭଲରେ କଟିଥାଏ । ଏଣୁ ସବୁ ପରିସ୍ଥିତିକୁ ଅନୁକୂଳ କରିବା ଲାଗି ଦିନର ପ୍ରାରମ୍ଭ ଭଲ କରିବା ଲାଗି ସର୍ବଦା ଚେଷ୍ଟା କରିବା ଉଚିତ୍ । ସକାଳୁ ଉଠି ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା କୁହାଯାଇଥିବା ଉପାୟ ଅବଲମ୍ବନ କଲେ ସାରା ଦିନ ଭଲରେ କଟିଥାଏ । ଶାସ୍ତ୍ରରେ ସପ୍ତର୍ଷିଙ୍କ ବିଷୟରେ ଉଲ୍ଲେଖ ରହିଛି । ସେମାନେ ହେଲେ - ବଶିଷ୍ଠ, କଶ୍ୟପ, ଅତ୍ରି, ଯମଦଗ୍ନି, ଗୌତମ, ବିଶ୍ୱାମିତ୍ର ଓ ଭରଦ୍ୱାଜ ।


ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା




# ବିଶ୍ୱ ଦକ୍ଷତା କେନ୍ଦ୍ରରେ ଅଣୁ ଉଦ୍ୟୋଗୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୩।୩ (ମହାଭାରତ):** ଭାରତର ଗ୍ରାମୀଣ ଅର୍ଥନୀତି ବିକାଶରେ ଅଣୁ ଉଦ୍ୟୋଗୀମାନଙ୍କର ଏକ ବଡ଼ ଯୋଗଦାନ ରହୁଛି। ଏହାକୁ ଦୃଷ୍ଟିରେ ରଖି ସେମାନଙ୍କ ଦକ୍ଷତା ବିକାଶ ଲାଗି ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'କୌଶଳ ମନ୍ଥନ' ଆୟୋଜନ କରାଯାଇଥିଲା। ଏଥିରେ ଅଣୁ ଉଦ୍ୟୋଗୀମାନଙ୍କର ଡିଜିଟାଲ ଦକ୍ଷତା ବୃଦ୍ଧି, ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦକୁ କିପରି ଉପଯୁକ୍ତ ବଜାର ସଂଯୋଗ ମିଳିପାରିବ ସେ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଭାରତ ସରକାରଙ୍କ କୌଶଳ ବିକାଶ ଓ ଉଦ୍ୟମଶୀଳତା ମନ୍ତ୍ରାଳୟ ଏବଂ ଏନଆଇଇଏସବିୟୁଡି ପକ୍ଷରୁ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଓଡ଼ିଶା ସହିତ ଝାଡ଼ଖଣ୍ଡ, ଛତିଶଗଡ଼ ଓ ବିହାର ଆଦି ରାଜ୍ୟରୁ ମୋଟ ୮୧ ଜଣ ଅଣୁ ଉଦ୍ୟୋଗୀ ଭାଗ ନେଇଥିଲେ।



କାର୍ଯ୍ୟକ୍ରମରେ କୌଶଳ ବିକାଶ ଓ ଉଦ୍ୟମଶୀଳତା ଏବଂ ଶିକ୍ଷା ମନ୍ତ୍ରାଳୟର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧାରୀ ଯୋଗଦେଇ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବା ସହ କହିଥିଲେ "ଭାରତରେ ଉଦ୍ୟୋଗ ବିକାଶ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ନିରନ୍ତର ଉଦ୍ୟମ କରାଯାଉଛି। ବିଶେଷକରି, ଅଣୁ ଉଦ୍ୟୋଗୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଉତ୍ପାଦ କିପରି ବିଶ୍ୱ ବଜାରରେ ପହଞ୍ଚିପାରିବ ସେ ଦିଗରେ ଏଭଳି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବାକୁ ଯେଉଁ ଲକ୍ଷ୍ୟ ରହିଛି ସେଥିରେ ଅଣୁ ଉଦ୍ୟୋଗୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ ବୋଲି କହିଛନ୍ତି କେନ୍ଦ୍ର ଶ୍ରୀ ଚୌଧାରୀ। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଏବଂ ଶିଳ୍ପ ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ ହୋଇଥିବା 'ନାନୋ ୟୁନିକର୍ଣ୍ଣ' ଯୋଜନା ବିଷୟରେ କହିଥିଲେ। ବ୍ୟବସାୟ ସ୍ଥାପନ କରିବାକୁ ଚାହୁଁଥିବା ଓଡ଼ିଶାର ଯୁବପିଢ଼ି ଏହି କାର୍ଯ୍ୟକ୍ରମରୁ ଲାଭ ନେଇପାରିବେ ବୋଲି ମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ବିଭିନ୍ନ ବିଷୟରେ ସ୍ୱତନ୍ତ୍ର ଅଧିବେଶନ ହୋଇଥିଲା। ଏଥିରେ ଭାରତରେ ଉଦ୍ୟୋଗ ବିକାଶ ପାଇଁ ରହିଥିବା ଅନୁକୂଳ ପରିବେଶ ଓ ସରକାରଙ୍କ ବିଭିନ୍ନ ଯୋଜନା ଆଦି ବିଷୟରେ ଆଲୋଚନା ହୋଇଥିଲା। ଅଣୁ ଉଦ୍ୟୋଗୀମାନେ ଏଥିରୁ କିପରି ଲାଭ ନେଇପାରିବେ ଏବଂ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଉତ୍ପାଦ କିପରି ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ପହଞ୍ଚି ପାରିବ ସେ ଦିଗ ପ୍ରତି ଏହି କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଆଜି ବିଭିନ୍ନ କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବିଶେଷକରି, ବ୍ୟବସାୟ ସ୍ଥାପନ ଲାଗି ଯୁବପିଢ଼ିଙ୍କୁ ପ୍ରୋତ୍ସାହନ ଦିଆଯାଇ ବାର୍ଷିକ ଜିଡିପି ହାର ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ, ବ୍ୟବସାୟ ସ୍ଥାପନ ଲାଗି ଯେଉଁସବୁ ପ୍ରତିବନ୍ଧକ ରହିଛି ତାହା ଦୂର କରିବାକୁ ପଡ଼ିବ," କହିଛନ୍ତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା। କୌଶଳ ବିକାଶ ଓ ଉଦ୍ୟମଶୀଳତା ମନ୍ତ୍ରାଳୟର ସଚିବ ଅତୁଲ କୁମାର ତିୱାରୀ କହିଥିଲେ ଯେ, ଦେଶର ଆର୍ଥିକ ଅଭିବୃଦ୍ଧିରେ ଉଦ୍ୟୋଗୀମାନଙ୍କର ଏକ ବଡ଼ ଭୂମିକା ରହିଛି। ସରକାର ଓ ଉଦ୍ୟୋଗୀମାନଙ୍କ ଭିତରେ ଉଚିତ ସମନ୍ୱୟ ରହିଲେ ଦେଶର ସାମଗ୍ରିକ ବିକାଶ ଆହୁରି ତ୍ୱରାନ୍ୱିତ ହୋଇପାରିବ। ଏନଆଇଇଏସବିୟୁଡିର ନିର୍ଦ୍ଦେଶକ ଡକ୍ଟର ପୁନମ ସିହ୍ନା ସ୍ୱାଗତ ଭାଷଣ ଦେଇଥିଲେ।

# ମିଶ୍ରଣ ହୋଇଛି ୫୬୧୯ ବିଦ୍ୟାଳୟ

**ଭୁବନେଶ୍ୱର,୨୩।୩ (ମହାଭାରତ):** ଛାତ୍ରଛାତ୍ରୀଙ୍କ ଉପସ୍ଥାନ ହ୍ରାସ ଯୋଗୁଁ ରାଜ୍ୟରେ ୪୬୧୯ଟି ବିଦ୍ୟାଳୟର ମିଶ୍ରଣ କରାଯାଇଛି। ସବୁଠାରୁ ଅଧିକ ୩୦୮ଟି ବିଦ୍ୟାଳୟର ମିଶ୍ରଣ ହୋଇଛି ମୟୁରଭଞ୍ଜ ଜିଲ୍ଲାରେ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଛାତ୍ରଛାତ୍ରୀଙ୍କ ଉପସ୍ଥାପନ ହ୍ରାସ ଯୋଗୁଁ ମୋଟ୍ ୪୬୧୯ଟି ବିଦ୍ୟାଳୟର ମିଶ୍ରଣ ହୋଇଥିବାବେଳେ ଏହି ତାଲିକାରେ ପୁରୀ ଜିଲ୍ଲାର ଗୋଟିଏ ହେଲେ ବିଦ୍ୟାଳୟ ନାହିଁ। ସବୁଠାରୁ କମ୍ ୪୩ଟି ବିଦ୍ୟାଳୟ ମାଲକାନଗିରି ଜିଲ୍ଲାରେ ଥିବାବେଳେ କେନ୍ଦୁଝରରେ ୫୩ଟି, ସୋନପୁରରେ ୬୧ଟି, ଝାରସୁଗୁଡାରେ ୬୫ ଓ ଦେବଗଡରେ ୬୮ଟି ବିଦ୍ୟାଳୟ ରହିଛି।

ତେବେ ବର୍ତ୍ତମାନ ସୁଦ୍ଧା ବନ୍ଦ ହୋଇଥିବା ବିଦ୍ୟାଳୟ ମଧ୍ୟରୁ ଢେଙ୍କାନାଳରେ ୨୨ଟି, ଦେବଗଡରେ ୧୦ଟି, ବରଗଡରେ ୭, ଯାଜପୁରରେ ୩ ଓ ଖୋର୍ଦ୍ଧା ଜିଲ୍ଲାରେ ୨ଟି ବିଦ୍ୟାଳୟ ଖୋଲିଛି। ମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ବନ୍ଦ ହୋଇଥିବା ବିଦ୍ୟାଳୟକୁ ପୁନଃ ଖୋଲାଯିବାପାଇଁ ରାଜ୍ୟସ୍ତରୀୟ କମିଟିରେ କୌଣସି ପ୍ରସ୍ତାବ ବିଚାରାଧିନ ନାହିଁ। କୌଣସି ପ୍ରସ୍ତାବ ହସ୍ତଗତ ହେଲେ ପ୍ରଥମେ ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ଯାଞ୍ଚ କରାଯାଇଥାଏ ଓ ତା' ପରେ ରାଜ୍ୟସ୍ତରୀୟ କମିଟିର ବିବେଚନାପାଇଁ ପଠାଯାଇଥାଏ। ରାଜ୍ୟସ୍ତରୀୟ କମିଟିର ସୁପାରିଶ୍ କ୍ରମେ ବନ୍ଦ ହୋଇଥିବା ବିଦ୍ୟାୟକୁ ପୁନଃ ଖୋଲିବାପାଇଁ ନୀତିଗତ ନିଷ୍ପତ୍ତିନେବାର ବ୍ୟବସ୍ଥା ରହିଛି।

# ଜାତୀୟ ସାଗରମାଳା ଶୀର୍ଷକ କମିଟି ବୈଠକ

**ଭୁବନେଶ୍ୱର,୨୩।୩ (ମହାଭାରତ):** ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ଚତୁର୍ଥ ଜାତୀୟ ସାଗରମାଳା ଶୀର୍ଷକ କମିଟି ବୈଠକରେ ଓଡ଼ିଶା ଅଂଶଗ୍ରହଣ କରିଥିଲା। କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କ ଅଧକ୍ଷତାରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଏବଂ ବରିଷ୍ଠ ଅଧିକାରୀମାନେ ଭାରତର ସାମୁଦ୍ରିକ କ୍ଷେତ୍ରର ଭବିଷ୍ୟତ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା।




କାର୍ଯ୍ୟକ୍ରମରେ ସାଗରମାଳା କାର୍ଯ୍ୟକ୍ରମ ଅନ୍ତର୍ଗତ ସାମୁଦ୍ରିକ ଭିତିଭୂମି ବିକାଶ ଉପରେ ଆଲୋଚନା କରାଯାଇଥିଲା, ଯେଉଁଥିରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ସମୀକ୍ଷା, ରାଜ୍ୟ ସାଗରମାଳା କମିଟି ଏବଂ ରାଜ୍ୟ ସାମୁଦ୍ରିକ ଏବଂ ଜଳପଥ ପରିବହନ କମିଟି ଉପରେ ଅଦ୍ୟତନ ଏବଂ ସାମୁଦ୍ରିକ ଅମୃତ କାଳ ଦୃଷ୍ଟିକୋଣ ୨୦୪୭ ଉପରେ ଆଲୋଚନା କରାଯାଇଥିଲା - ଭାରତର ସାମୁଦ୍ରିକ ବିସ୍ତାର ପାଇଁ ଏକ ରଣନୈତିକ ବ୍ଲୁପ୍ରିଣ୍ଟ। ସାଗରମାଳା ୨.୦ର ଧାରଣା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଧ୍ୟାନ ଦିଆଯାଇଥିଲା, ଯାହା ବନ୍ଦର ଆଧୁନିକୀକରଣ, ନିର୍ବିଘ୍ନ ବହୁମୁଖୀ ସଂଯୋଗୀକରଣ ଏବଂ ସାମଗ୍ରିକ ଉପକୂଳ ସମ୍ପ୍ରଦାୟ ବିକାଶକୁ କଳ୍ପନା କରିଥାଏ। ଓଡ଼ିଶାର ଚାଲୁଥିବା ସାମୁଦ୍ରିକ ପ୍ରକଳ୍ପ ଏବଂ ରଣନୈତିକ ପଦକ୍ଷେପଗୁଡ଼ିକୁ ପ୍ରମୁଖ ଭାବରେ ଉପସ୍ଥାପନ କରାଯାଇଥିଲା, ଯାହା ବନ୍ଦର-ନେତୃତ୍ୱାଧୀନ ବିକାଶ ଏବଂ ନୀଳ ଅର୍ଥନୀତି ଅଭିବୃଦ୍ଧି ପାଇଁ ଏହାର ସକ୍ରିୟ ଆଭିମୁଖ୍ୟକୁ ପ୍ରଦର୍ଶନ କରିଥିଲା।

ଓଡ଼ିଶା ସରକାରଙ୍କ ପ୍ରତିନିଧିତ୍ୱ କରି, ଶ୍ରୀମତୀ ଉଷା ପାଢୀ, ପ୍ରମୁଖ ସଚିବ, ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ସିଇଓ, ଓଡ଼ିଶା ସାମୁଦ୍ରିକ ବୋର୍ଡ, ସାଗରମାଳା କାର୍ଯ୍ୟକ୍ରମ ଅଧୀନରେ ଦଶ ବର୍ଷର ପରିବର୍ତ୍ତନକାରୀ ପ୍ରଗତି ପାଇଁ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟକୁ ପ୍ରଶଂସା କରିଥିଲେ ଏବଂ ସାଗରମାଳା ୨.୦ ରେ ଅନ୍ତର୍ଭୁକ୍ତ କରିବା ପାଇଁ ରାଜ୍ୟର ପ୍ରମୁଖ ପ୍ରକଳ୍ପଗୁଡ଼ିକୁ ଉପସ୍ଥାପନ କରିଥିଲେ। ଓଡ଼ିଶା ରାଜ୍ୟ ସାମୁଦ୍ରିକ ଏବଂ ଜଳପଥ ମାଷ୍ଟର ପ୍ଲାନ୍ ମାଧ୍ୟମରେ ସାମୁଦ୍ରିକ ସଂଯୋଗୀକରଣ ଏବଂ ବାଣିଜ୍ୟକୁ ଆଗକୁ ବଢାଇବା ପାଇଁ ଏହାର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରିଥିଲା। ରାଜ୍ୟ ମଧ୍ୟ ଗୁଜୁରାଟର ଲୋଥାଲସ୍ଥିତ ଜାତୀୟ ସାମୁଦ୍ରିକ ଐତିହ୍ୟ କମ୍ପ୍ଲେକ୍ସ ରେ ରାଜ୍ୟ ପାଭିଲିୟନ ମାଧ୍ୟମରେ ଏହାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟକୁ ସଂରକ୍ଷଣ ଏବଂ ପ୍ରୋତ୍ସାହିତ କରିବା ପାଇଁ ଏହାର ପ୍ରୟାସକୁ ଆଲୋକପାତ କରିଥିଲା। ଏହା ସହିତ, ଆଲୋଚନା ପ୍ରସ୍ତାବିତ ଭାରତ ସାମୁଦ୍ରିକ କେନ୍ଦ୍ର ଉପରେ ଗୁରୁତ୍ୱାରୋପ କରିଥିଲା, ଯାହାକୁ ସାମୁଦ୍ରିକ ଗବେଷଣା, ତାଲିମ ଏବଂ କ୍ଷମତା ନିର୍ମାଣ ପାଇଁ ଏକ କେନ୍ଦ୍ର ଭାବରେ ପରିକଳ୍ପିତ କରାଯାଇଥିଲା। ଜାତୀୟ ଜଳପଥକୁ ସୁଦୃଢ଼ କରିବା, ଜାହାଜ ନିର୍ମାଣ ଏବଂ ମରାମତି ସୁବିଧାକୁ ପ୍ରୋତ୍ସାହିତ କରିବା ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ପାଇଁ ଏହାର ଉପକୂଳକୁ ଉପଯୋଗ କରିବା ଉପରେ ଓଡ଼ିଶା ଏହାର ରଣନୈତିକ ଧ୍ୟାନକୁ ମଧ୍ୟ ପୁନର୍ବାର ଦୋହରାଇଛି।

# ଓଟି ଆଣ୍ଡ ଏଏସ୍ ଅଧିକାରୀ ସ୍ୱଚ୍ଛତା ଓ ଉତ୍ତର ଦାୟିତ୍ୱକୁ ସୁନିଶ୍ଚିତ କରାନ୍ତୁ

**ଭୁବନେଶ୍ୱର,୨୩।୩ (ମହାଭାରତ):** ଓଡ଼ିଶା ଟ୍ୟାକ୍ସେସନ ଆଣ୍ଡ ଆକାଉଣ୍ଟସ୍ ସେବା (ଓଟି ଆଣ୍ଡଏଏସ୍) ଅଧିକାରୀମାନେ ସେମାନଙ୍କ ସେବାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରାନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ଆହ୍ୱାନ ଜଣାଇଛନ୍ତି। ଆଜି ମଧୁସୂଦନ ଦାସ ରିଜିଓନାଲ ଏକାଡେମୀ ଅଫ୍ ଫାଇନାନ୍ସିଆଲ ମ୍ୟାନେଜ୍‌ମେଣ୍ଟର ଶିକ୍ଷାନବିଶମାନେ ରାଜଭବନ ଆସି ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଶିକ୍ଷାନବିଶମାନଙ୍କ ସହ ବାର୍ତ୍ତାଳାପ ବେଳେ ରାଜ୍ୟପାଳ କହିଥିଲେ ଯେ ଟିକସ ରାଜସ୍ୱ ହେଉଛି ସରକାରୀ ପାଣ୍ଠିର ମେରୁଦଣ୍ଡ ଏବଂ ଓଟି ଆଣ୍ଡ ଏଏସ ଅଧିକାରୀମାନେ ରାଜ୍ୟ ପାଇଁ ପାଣ୍ଠି ସଂଗ୍ରହ ଏବଂ ଜନକଲ୍ୟାଣ ପାଇଁ ସମ୍ବଳ ସଂଗ୍ରହ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାନ୍ତି। ଏହି ଅବସରରେ ରାଜ୍ୟପାଳ ଆର୍ଥିକ ଉତ୍ତର ଦାୟିତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରି ଉଲ୍ଲେଖ କରିଥିଲେ ଯେ ଅନେକ ସରକାରୀ ସେକ୍ଟର ଉଦ୍ୟୋଗ ସଠିକ୍ ହିସାବ ରଖିବା ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଅଡିଟ୍ କରାଇବା ଦିଗରେ ଖିଲାଫ କରିଥାନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଯୁବଅଧିକାରୀମାନେ ଦାୟିତ୍ୱ ନେବାକୁ କହିଥିଲେ। ଆର୍ଥିକ ପରିଚାଳନାରେ ସ୍ୱଚ୍ଛତା ଓ ସଚ୍ଚୋଟତା ବଜାୟ ରଖିବା ଏବଂ ଅଡିଟ୍ ପାଇଁ ପ୍ରାଥମିକତା ଦେବାକୁ ରାଜ୍ୟପାଳ କହିଥିଲେ। ଉପସ୍ଥିତ ସମସ୍ତ ଶିକ୍ଷାନବୀଶଙ୍କ ସହ ରାଜ୍ୟପାଳ ବାର୍ତ୍ତାଳାପ କରି ମଧୁସୂଦନ ଦାସ ରିଜିଓନାଲ ଏକାଡେମୀ ଅଫ୍ ଫାଇନାନ୍ସିଆଲ ମ୍ୟାନେଜମେଣ୍ଟ୍‌ରେ ଦିଆଯାଇଥିବା ତାଲିମ ଏବଂ ସେମାନଙ୍କ ଉପଲବ୍ଧ ସଂପର୍କରେ ପଚାରି ବୁଝିଥିଲେ ଏବଂ ସଫଳ ସେବା ଜୀବନ ପାଇଁ ଶୁଭକାମନା ଜଣାଇଥିଲେ।



# ଉପମୁଖ୍ୟମନ୍ତ୍ରୀଙ୍କ ସହ ଉତ୍ତର ପ୍ରଦେଶ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀଙ୍କ ଆଲୋଚନା

**ଭୁବନେଶ୍ୱର,୨୩।୩ (ମହାଭାରତ):** ଲୋକସେବା ଭବନ ଠାରେ ଉତ୍ତର ପ୍ରଦେଶ ରାଜ୍ୟର ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ବେବି ରାଣୀ ମୌର୍ଯ୍ୟ ଓଡ଼ିଶା ପରିଦର୍ଶନ ରେ ଆସି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ଓ ସଫଳତା ଉପରେ ବିଶଦ ଆଲୋଚନା କରିଛନ୍ତି। ଏହା ସହ ରାଜ୍ୟରେ ଅଙ୍ଗନବାଡି କେନ୍ଦ୍ରର ପରିଚାଳନା ଉପରେ ମଧ୍ୟ ସେ ଜାଣିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଉତ୍ତର ପ୍ରଦେଶ ମହିଳା ଓ ଶିଶୁ କଲ୍ୟାଣଙ୍କ ଅଧୀନରେ ଚାଲୁଥିବା ସମସ୍ତ ଯୋଜନା ବିଷୟରେ ମଧ୍ୟ ସେ ଆଲୋକପାତ କରିଥିଲେ।

# ଇଦ୍ ଓ ରାମ ନବମୀ ପାଳନ ନେଇ ଡିଜିପିଙ୍କ ସମୀକ୍ଷା

**ଭୁବନେଶ୍ୱର,୨୩।୩ (ମହାଭାରତ):** ଆସନ୍ତା ୩୧ ତାରିଖରେ ଇଦ-ଉଲ-ଫିତର, ଅପ୍ରେଲ ୦୬ ତାରିଖରେ ଶ୍ରୀ ରାମ ନବମୀ, ଅପ୍ରେଲ ୧୪ ତାରିଖରେ ହନୁମାନ ଜୟନ୍ତୀ ଏବଂ ମହା ବିଷୁବ ସଂକ୍ରାନ୍ତି ପାଳିତ ହେବାକୁ ଯାଉଛି। ଏହି ଅବସରରେ ରାଜ୍ୟବାସୀଙ୍କ ନିରାପତ୍ତା ତଥା ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ ଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଡିଜିପି ଶ୍ରୀ ଖୁରାନିଆ। ଉପରୋକ୍ତ ସମସ୍ତ ପର୍ବପର୍ବାଣୀ ଗୁଡିକୁ ଶୃଙ୍ଖଳିତ ଭାବେ ପାଳନ କରାଯିବା ଉପରେ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




ଉକ୍ତ ପର୍ବପର୍ବାଣୀ ଗୁଡିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯିବା ଉପରେ ଡିଜିପି ବୈଠକରେ ଗୁରୁତ୍ୱାରୋପ କରିଥିଲେ। ସଦାସର୍ବଦା ସତର୍କତା ଏବଂ ଯେକୌଣସି ପ୍ରକାର ଅଘଟଣ ସମ୍ପର୍କରେ ଆଗୁଆ। ସୂଚନା ପାଇବା ନିମନ୍ତେ ଉପଯୁକ୍ତ ପଦକ୍ଷେପ ନେବାସହ ଏଥିନିମନ୍ତେ ତୁରନ୍ତ ଯୋଜନାବଦ୍ଧ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ପରାମର୍ଶ ଦେଇଥିଲେ। ବିଶେଷକରି ବିଭିନ୍ନ ସମୟରେ ସୋସିଆଲ ମିଡିଆରେ ଗୁଜବ, ବିଭ୍ରାନ୍ତିକର ତଥ୍ୟ ସଂକ୍ରାନ୍ତରେ ସଦାସର୍ବଦା ନଜର ରଖିବା ଉପରେ ଗୁରୁ ଦେଇଥିଲେ। ଏଥି ନିମନ୍ତେ ଜିଲ୍ଲାଗୁଡିକରେ କାର୍ଯ୍ୟ କରୁଥିବା ସାଇବର ସେଲ ଦ୍ୱାରା ବିଭିନ୍ନ ସୋସିଆଲ ମିଡିଆ। ପ୍ଲାଟଫର୍ମ ଉପରେ ୨୪ ଘଣ୍ଟିଆ। ପାଟ୍ରୋଲିଂ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ରାଜ୍ୟ କ୍ରାଇମବ୍ରାଞ୍ଚ ଦ୍ୱାରା ଏକ ସ୍ୱତନ୍ତ୍ର କର୍ମଶାଳା ଆୟୋଜନ କରାଯାଇ ପୋଲିସ ଅଧିକାରୀ ଏବଂ କର୍ମଚାରୀଙ୍କୁ ସକ୍ରିୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏହାବ୍ୟତୀତ ସମ୍ବେଦନଶୀଳ ସ୍ଥାନ ଗୁଡିକରେ ପୋଲିସ ପାଟ୍ରୋଲିଂ, କଡାକଡି ଚେକିଂ, ଶୋଭାଯାତ୍ରା ଉପରେ କଟକଣା, ସହରର ସମ୍ବେଦନଶୀଳ ସ୍ଥାନ ଗୁଡିକରେ ସିସିଟିଭି ଲଗାଇବା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସିସିଟିଭି କ୍ୟାମେରା ସ୍ଥାପନ, ଗୁଇନ୍ଦା ସୂଚନା ସଂଗ୍ରହ, ଶାନ୍ତି କମିଟି ଗଠନ ସହ ବିଭିନ୍ନ ଗୋଷ୍ଠୀ ମାନଙ୍କ ସହ ବୈଠକ, ସ୍ଥାନୀୟ ଲୋକପ୍ରତିନିଧି ମାନଙ୍କ ସହ ସୁସମ୍ପର୍କ ସ୍ଥାପନ, ଅଭ୍ୟାସଗତ ଅପରାଧୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ଗୁଜବକାରୀଙ୍କୁ ଚିହ୍ନଟ, ପଦଯାତ୍ରା ଏବଂ ବାଇକ ରାଲି ସମୟରେ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଏସପି ତଥା ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡିଜିପି ନିର୍ଦ୍ଦେଶ ଦେଇଥିଲେ। ଏହାସହ ଯେକୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ସଦାସର୍ବଦା ପ୍ରସ୍ତୁତ ରହିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

# ଅଟିଷ୍ଟିକ୍ ପିଲାମାନଙ୍କ ପାଇଁ ସ୍କୁଲ ବସ୍ ଦାନ

**ଭୁବନେଶ୍ୱର,୨୩।୩ (ମହାଭାରତ):** ଏଲ୍ଆଇସି ଗୋଲ୍ଡେନ୍ ଜୁବିଲି ଫାଉଣ୍ଡେସନ୍ ଚନ୍ଦକା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱରର ଫ୍ୟୁଚର୍ ଭୁବନେଶ୍ୱର ସ୍କୁଲ କ୍ୟାମ୍ପସ୍‌ରେ ଅଟିଜିମ୍ ଥେରାପି ସେଣ୍ଟରର ଅଟିଷ୍ଟିକ୍ ପିଲାମାନଙ୍କ ପାଇଁ ଏକ ସ୍କୁଲ ବସ୍ ଦାନ କରିଛି। ଏହି କାର୍ଯ୍ୟକ୍ରମରେ ପାଟନାର ଏଲ୍ଆଇସି ଜୋନାଲ ଅଫିସ୍‌ର ଜୋନାଲ୍ ମ୍ୟାନେଜର ଶ୍ରବଣ କୁମାରଙ୍କ ଦ୍ୱାରା ସେମାନଙ୍କ କ୍ୟାମ୍ପସ୍‌ରେ ମନୋରଞ୍ଜନ ଦାସ, ସିନିୟର ଡିଏମ୍, ଅଶୋକ କୁମାର ଭୂୟାଁ, ମାର୍କେଟିଂ ମ୍ୟାନେଜର ଏବଂ ଏଲ୍ଆଇସି ଭୁବନେଶ୍ୱର ଡିଭିଜନ୍‌ର ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଚାବି ହସ୍ତାନ୍ତର ଏବଂ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଏହି ସମାରୋହ ଭୁବନେଶ୍ୱରରେ 'ମ୍ୟାନେଜ୍ ଅଟିଜିମ୍ ନାଓ ଟ୍ରଷ୍ଟ (ଏମ୍ଏଏନ୍)' ଦ୍ୱାରା ଆୟୋଜିତ ହୋଇଥିଲା। ଉତ୍ସବରେ ଏଟିସିର ପରାମର୍ଶଦାତା ମଦନ ମୋହନ ପଣ୍ଡା, ଏମ୍ଏଏନ୍ ଟ୍ରଷ୍ଟର ଅଧ୍ୟକ୍ଷ ପ୍ରଫେସର ରଞ୍ଜନ କୁମାର ବଳ, ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟର ଭିସି ଡକ୍ଟର ଡି. ଏନ୍. ମିଶ୍ର, ଡିଏଭି ସ୍କୁଲ ଅଫ୍ ବିଜିନେସ୍ ମ୍ୟାନେଜ୍‌ମେ , ଭୁବନେଶ୍ୱରର ପ୍ରିନ୍ସିପାଲ ଏବଂ ପ୍ରଫେସର ସ୍ୱର୍ଣ୍ଣ ମିଶ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ଏବଂ ଏମ୍ଏଏନ୍ ଟ୍ରଷ୍ଟର ଅନ୍ୟାନ୍ୟ ଟ୍ରଷ୍ଟିମାନେ ଉପସ୍ଥିତ ଥିଲେ। ଏହା ଏକ ଅନନ୍ୟ କେନ୍ଦ୍ର ଯେଉଁଠାରେ ଭିନ୍ନକ୍ଷମ ପିଲାମାନେ ବିଶେଷ କରି ଅଟିଷ୍ଟିକ୍ ପିଲାମାନଙ୍କୁ ତାଲିମ ଦିଆଯାଇ ଅନ୍ୟମାନଙ୍କ ଉପରେ ସେମାନଙ୍କର ନିର୍ଭରଶୀଳତା ହ୍ରାସ କରିବା ପାଇଁ ସକ୍ଷମ କରାଯାଏ। ଚିକିତ୍ସା ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପ ମାଧ୍ୟମରେ କେନ୍ଦ୍ର ସେମାନଙ୍କର ଉତ୍ସର୍ଗୀକୃତ କର୍ମଚାରୀ ଏବଂ ପରାମର୍ଶଦାତା ମାନଙ୍କ ମାଧ୍ୟମରେ ଏହି ସ୍ୱତନ୍ତ୍ର ପିଲାମାନଙ୍କୁ ସାମାଜିକ ମୁଖ୍ୟଧାରାକୁ ଆଣିବାକୁ ଚେଷ୍ଟା କରେ।



# ନାଲକୋ ପକ୍ଷରୁ କୋରାପୁଟ ମେଡିକାଲ କଲେଜକୁ ସହାୟତା

**ଭୁବନେଶ୍ୱର,୨୩।୩ (ମହାଭାରତ):** ଭାରତ ସରକାରଙ୍କ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ)ର ସିଏସଆର କାର୍ଯ୍ୟକ୍ରମ ଅଂଶବିଶେଷ ଭାବେ ଏବଂ ନିରନ୍ତର ବିକାଶ ପ୍ରତି ପ୍ରତିବଦ୍ଧତାର ଅଂଶସ୍ୱରୂପ, କୋରାପୁଟର ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ୧୦କୋଟି ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିରଞ୍ଜନ ସାମଲଙ୍କ ସହ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଏଚଆଣ୍ଡଏ) ଆଶୁତୋଷ ରଥ କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କୁ ଭେଟି ଏହି ଚେକ ପ୍ରଦାନ କରିଛନ୍ତି। ଏହି ଅବସରରେ ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲର ଅଧୀକ୍ଷକ ତଥା ଡିନ୍ ଏବଂ ପ୍ରିନ୍ସିପାଲ ପ୍ରଫେସର (ଡକ୍ଟର) ସୁଶାନ୍ତ କୁମାର ସାହୁ ମଧ୍ୟ ଉପସ୍ଥିତ ଥିଲେ। ନାଲକୋର ସିଏସଆର ଶାଖା ନାଲକୋ ଫାଉଣ୍ଡେସନ ମାଧ୍ୟମରେ ପ୍ରଦାନ କରାଯାଇ ଥିବା ଏହି ଅର୍ଥ ରାଶି ହସ୍ପିଟାଲର ବିଭିନ୍ନ ବିଭାଗରେ ରୋଗୀ ସେବାକୁ ଉନ୍ନତ କରିବା ପାଇଁ ଅତ୍ୟାବଶ୍ୟକ ସୁବିଧା ଏବଂ ଉନ୍ନତ ଚିକିତ୍ସା ଉପକରଣ କ୍ରୟ ସହ ଅନ୍ୟାନ୍ୟ ଆବଶ୍ୟକତା ପୂରଣନିମନ୍ତେବ୍ୟବହୃତହେବ ଉଲ୍ଲେଖଯୋଗ୍ୟଯେ, ସହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲ କୋରାପୁଟ ଜିଲ୍ଲାର ଅଧିବାସୀଙ୍କୁ ବିଶେଷକରି, ଆଦିବାସୀ ସମ୍ପ୍ରଦାୟକୁ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।



# ରଫ୍ ଖାତା ପରିବାର ଆୱାର୍ଡ଼ ପାଳିତ

**ଭୁବନେଶ୍ୱର,୨୩।୩ (ମହାଭାରତ):** କଟକରୁ ପ୍ରକାଶ ପାଉଥିବା ଦୈନିକ ଓଡ଼ିଆ ଖବରକାଗଜ ପକ୍ଷରୁ ରଫ୍ ଖାତା ପରିବାର ଆୱାର୍ଡ଼ ସମ୍ମାନ ସମାରୋହ ଲୋହିଆ ଏକାଡେମୀ ଭୁବନେଶ୍ୱରଠାରେ ସମ୍ପାଦକ ପ୍ରସନ୍ନ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡକ୍ଟର ଅଶୋକ ମହାପାତ୍ର, ନର୍ସିଂହୋମର ନିର୍ଦ୍ଦେଶକ ଉଦଘାଟକ ଭାବେ ଯୋଗଦେଇ ଆଜିର ସମାଜ ସୂତ୍ରରେ ବନ୍ଧିହେବାକୁ ହେଲେ ଭାଷା ସଂସ୍କୃତିକୁ ବ□ାଇ ରଖିବାକୁ ପଡିବ ବୋଲି ଭାଷଣରେ କହିଥିଲେ।



ବିଶିଷ୍ଟ ରାଜନିତିଜ୍ଞ ଓ ଶିଳ୍ପପତି ଡକ୍ଟର ପ୍ରକାଶ ଶ୍ରୀଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସଂସ୍କୃତିକୁ ଉଜ୍ଜୀବିତ କରି ରଖିବାକୁ ହେଲେ ଆମ ଏକତାକୁ ବଜାୟ ରଖିବାକୁ ପଡିବ ବୋଲି କହିଥିଲେ। ବିଶିଷ୍ଟ ଶିକ୍ଷାବିତ ଶଶଧର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ୱାଣ୍ଡର ୱାଲ୍ଡ ପବ୍ଲିକ ସ୍କୁଲର, ପ୍ରତିଷ୍ଠାତା ଶ୍ରୀମତୀ ନିଳୀମା ବଂଦୋପାଧ୍ୟାୟ ବିଶିଷ୍ଟ ଶିଳ୍ପପତି ଉତ୍କଳ ପଟ୍ଟନାୟକ, ବିଶିଷ୍ଟ ଗାନ୍ଧୀବାଦୀ ବିଶ୍ୱଜିତ ସୂର୍ଯ୍ୟବଂଶୀ, ବିଶିଷ୍ଟ ସମାଜସେବୀ ସୂର୍ଯ୍ୟ ରାହୁଲ, ସମାଜସେବା ପ୍ରତାପ ରୁଦ୍ର ପଣ୍ଡା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ନିଜ ନିଜର ମତବ୍ୟକ୍ତ ରଖିଥିଲେ। ସଭା ପରିଚାଳନା କରିଥିଲେ ଅଧ୍ୟାପିକା ସ୍ୱାଗତିକା ସାହୁ, ସକାଳସାଥୀ ଖବର କାଗଜର ସମ୍ପାଦକ ପ୍ରସନ୍ନ କୁମାର ଦାଶ ଏହି କାର୍ଯ୍ୟକ୍ରମକୁ ଅଧକ୍ଷତା କରିଥିଲେ। ଶେଷରେ କବି, ଲେଖକ, ଗାଳ୍ପିକ, ଶିକ୍ଷାବିତ, ସମାଜସୋମାନଙ୍କୁ ସମ୍ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଆନିଲା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ୟାମାହା 'ଦି କଲ ଅଫ ଦି ବ୍ଲୁ' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୩।୩ (ମହାଭାରତ):** ଇଣ୍ଡିଆ ୟାମାହା ମୋଟର ପ୍ରା.ଲିଃ (ଆଇୱାଇଏମ) ଏହାର ଆଇକନିକ୍ ବ୍ରାଣ୍ଡ ଅଭିଯାନ 'ଦି କଲ ଅଫ ଦି ବ୍ଲୁ' (ସିଓଟିବି)କୁ ଭୁବନେଶ୍ୱରରେ ଆଜି ଆଣିପାରିଛି ତଥା ଏହାର ଏକ ବ୍ୟବସ୍ଥିତ ଚମତ୍କାରୀ ସପ୍ତାହନ୍ତ କାର୍ଯ୍ୟକ୍ରମକୁ ସିମ୍ଫୋନୀ ମଲର ପାର୍କିଙ୍ଗ ଏରିଆରେ ପରିବେଷଣ କରିଛି। ପରିବେଶଟି ଉତ୍ସାହିତ ତଥା ଏହାକୁ ଭଲ ପାଉଥିବା ୭୦୦ ଆଗ୍ରହୀ ଚାଳକମାନଙ୍କ ପାଇଁ ଏକାଠି ହେବାର ଏକ ଚମତ୍କାରୀତା ସୃଷ୍ଟି କରିବା ସହିତ ୟାମାହାର ପ୍ରିମିୟମ ଦୁଇଚକିଆ ଯାନ ଯାହାକି ଆଡ୍ରେନାଲାଇନ-ଇନ୍ଧନ ଦ୍ୱାରା ପରିଚାଳିତ ଏଭଳି ଏକ ପୃଥିବୀକୁ ନେଇ ସମସ୍ତଙ୍କ ମଧ୍ୟରେ ରୋମାଂଚକର ପରିସ୍ଥିତି ସୃଷ୍ଟି କରିଛି। କାର୍ଯ୍ୟକ୍ରମଟି ସମସ୍ତଙ୍କୁ ବାନ୍ଧି ରଖିବା ଭଳି ଅଭିଜ୍ଞତା ପ୍ରଦାନ କରିବା ସହିତ ୟାମାହାର ନିଜସ୍ୱ ଜ୍ଞାନକୌଶଳ ପରିଚାଳିତ ଅନନ୍ୟ ଦକ୍ଷତା ଏବଂ ଆଧୁନିକ ସୁରକ୍ଷା ତଥା ବିଶେଷତ୍ୱ ଜରିଆରେ ଏଭଳି ଏକ ବିବିଧ ଉତ୍ପାଦନ ସମ୍ଭାରକୁ ପ୍ରଦାନ କରିଅଛି। ଗୋଟିଏ ପଟେ ଉତ୍ସାହି ବ୍ୟକ୍ତିବିଶେଷ ମାନଙ୍କୁ ଯାନର ପରୀକ୍ଷା କାର୍ଯ୍ୟକ୍ରମ ଯଥା ଜିମଖାନା ପରିଚାଳନା ସହିତ ଉଡ୍ରେନପ୍ଲାଙ୍କ ଆହ୍ୱାନ ଉପରେ ଏକ ସ୍ଥିର ସନ୍ତୁଳିତ ପ୍ରଦର୍ଶିତ କରିବା ସହିତ ଅନ୍ୟପଟେ ବିଶେଷଜ୍ଞ ଉପଦେଷ୍ଟାଙ୍କ ସହାୟତାରେ ସମ୍ପୂର୍ଣ୍ଣ ଆଧୁନିକ ଜ୍ଞାନକୌଶଳତାର ସଂଜ୍ଞାକୁ ବୁଝାଇବା ପାଇଁ ସେମାନେ ଉଦ୍ୟମ ଜାରି ରଖିଥିଲେ। ଏଭଳି ଏକ ଉନ୍ନତମାନର ମଂଚ ଯଥାର୍ଥରେ ଦୃଢ଼ କାମର ଢ଼େରି ଭାବନାକୁ ଉଜ୍ଜିବିତ କରିବା ସହିତ ସମ୍ମିଳିତ ଭାବରେ ମୋଟରସାଇକେଲର ଚାଳନାକୁ ଉତ୍ସାହି ବ୍ୟକ୍ତିମାନଙ୍କ ମଧ୍ୟରେ ସେୟାର କରିବା ସହିତ ୟାମାହାର ରୋମାଂଚକର ଚାଳନାକୁ ଆହୁରି ଅଧିକ ଆକର୍ଷଣୀୟ କରିପାରିଥିଲେ। କାର୍ଯ୍ୟକ୍ରମରେ କିଛି ଆଂଚଳିକ ସ୍ୱାଦକୁ ମିଶାଇ, ଓଡ଼ିଶାର ଗଭୀରତମ ଭାବବେଗକୁ ଏହିଭଳି ଏକ ଦୁଃସାହସିକ ମୋଟର ଚାଳନା ଦ୍ୱାରା ବାନ୍ଧି ଧରି ରଖିବାର ଏହା ଏକ ପ୍ରୟାସ ଥିଲା।

# ଧର୍ମ ନିରପେକ୍ଷତା

ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ହେବା ପରେ ଏହା ଅତି ମାତ୍ରାରେ ବୃଦ୍ଧି ପାଇଛି ଏବଂ ଏହା ଏକ ପ୍ରକାର ବିସ୍ଫୋରକ ପରିସ୍ଥିତି ସୃଷ୍ଟି କଲାଣି। ମମତାଙ୍କ ସଂଖ୍ୟାଲଘୁ ତୁଷ୍ଟିକରଣ ନୀତି, ଭୋଟ ବ୍ୟାଙ୍କ ରାଜନୀତି, ମିଛ ଧର୍ମନିରପେକ୍ଷତା ପାଇଁ ଆଜି ଏହି ପରିସ୍ଥିତି ସୃଷ୍ଟି ହୋଇଛି। ମମତା ଯାହା କରୁଛନ୍ତି ତାହା ଏକ ଦେଶବିରୋଧୀ କାର୍ଯ୍ୟ। ଆଜି ନହେଲେ କାଲି ଏହା ଭାରତ ପାଇଁ ବିରାଟ ସମସ୍ୟା ଭାବେ ଉଭା ହେବ। ବର୍ତ୍ତମାନ ପଶ୍ଚିମବଙ୍ଗ ଆଉ ଏକ ବଙ୍ଗଳାଦେଶ ଏବଂ ମମତାଙ୍କ ଟିଏମସି ଆଉ ଏକ ମୁସଲିମ ଲିଗ ଭଳି ମନେ ହେଉଛି। ନିକଟରେ ଅସାଦୁଦ୍ଦିନ ଓୱେସିଙ୍କ ଦଳର ବରିଷ୍ଠ ନେତା ଇମ୍ରାନ ସୋଲାଙ୍କୀ କହିଛନ୍ତି ଯେ, ପଶ୍ଚିମବଙ୍ଗ ବିଧାନସଭା ଲାଗି ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଯାଉଥିବା ନିର୍ବାଚନରେ ତାଙ୍କ ଦଳ ଏଆଇଏମଆଇଏମ ସବୁ ଆସନରେ ପ୍ରାର୍ଥୀ ଦେବ। ସେ କହିଛନ୍ତି ଯେ, ରାଜ୍ୟ ଜନସଂଖ୍ୟାରେ ହାରାହାରି ୪୦% ଏବେ ମୁସଲିମ। ତେଣୁ ନିର୍ବାଚନରେ ତାଙ୍କ ଦଳକୁ ନିଶ୍ଚିତ ଭାବେ ବିପୁଳ ସଫଳତା ମିଳିବ। ତାଙ୍କର ଏହି କଥାରୁ ପରିସ୍ଥିତି କେତେ ଗମ୍ଭୀର ତାହା ସହଜରେ ଅନୁମେୟ। ପଶ୍ଚିମବଙ୍ଗରେ ମୋଟ ଜନସଂଖ୍ୟାର ୪୦% ଯଦି ବାସ୍ତବରେ ମୁସଲମାନ ହୋଇଥିବେ ତେବେ ଏଥିପାଇଁ ମମତା ଦାୟୀ। କାଲି ଏହା ୫୦ ପ୍ରତିଶତ ଟପିପାରେ। ଏହା ଫଳରେ ପଶ୍ଚିମବଙ୍ଗ ଆଉ ଏକ ବାଂଲାଦେଶରେ ପରିଣତ ହେବା ବା ଏହା ବାଂଲାଦେଶରେ ମିଶିଯିବା ଅସମ୍ଭବ ନୁହେଁ। ଏଥିପାଇଁ ଯେଉଁମାନେ ଦାୟୀ, ଯେଉଁମାନେ ମିଛ ଧର୍ମନିରପେକ୍ଷତାର ଖୋଳପାରେ ରହି ନିଜ ବ୍ୟକ୍ତିଗତ ଫାଇଦା ପାଇଁ ଦେଶକୁ ବିପଦକୁ ଠେଲି ଦେଉଛନ୍ତି ସେମାନଙ୍କୁ ଇତିହାସ କେବେ କ୍ଷମା ଦେବନି। ଏଆଇଏମଆଇଏମ ହେଉଛି ଏକ ସାମ୍ପ୍ରଦାୟିକ ଦଳ। ଏହା ମୁସଲମାନ ଭୋଟ ବ୍ୟାଙ୍କ ଉପରେ ନିର୍ଭରଶୀଳ। କିନ୍ତୁ କଂଗ୍ରେସ, ଟିଏମସି ଭଳି ଦଳମାନେ ଏହାକୁ କେବେ ସମାଲୋଚନା କରିବା ଦେଖିବାକୁ ମିଳିନି। କାରଣ ହେଲା ସଂଖ୍ୟାଲଘୁ ତୁଷ୍ଟିକରଣ। ପଶ୍ଚିମବଙ୍ଗରେ ମୋଟ ଜନସଂଖ୍ୟାର ୪୦% ଯଦି ମୁସଲମାନ , ତେବେ ଏଥିରେ ଏଆଇଏମଆଇଏମ ଖୁସି ହେବାର କାରଣ ହେଲା ଏହାଦ୍ୱାରା ଦଳ ଫାଇଦା ପାଇବ ବୋଲି ଆଶା କରୁଛି। କାରଣ ଅସାଦୁଦ୍ଦିନଙ୍କ ଦଳକୁ କେବଳ ମୌଳବାଦୀ ଚିନ୍ତାଧାରା ରଖିଥିବା ମୁସଲମାନ ମାନେ ହିଁ ଭୋଟ ଦିଅନ୍ତି। ଯଦି ପଶ୍ଚିମବଙ୍ଗରେ ବାସ୍ତବରେ ଏଆଇଏମଆଇଏମ ସବୁ ଆସନରେ ପ୍ରାର୍ଥୀ ଦେବ ଏବଂ ଭଲ ଭୋଟ ପାଇବ, ତେବେ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହେବ ମମତାଙ୍କ ଟିଏମସି। କାରଣ ଏହି ଦଳର ଭୋଟ ବ୍ୟାଙ୍କରେ ଅସାଦୁଦ୍ଦିନ ଭାଗ ବସାଇବେ। ଇତିହାସରେ ମିର୍ଜାଫରଙ୍କ ନାମ ସବୁ ଦିନେ କଳାଅକ୍ଷରରେ ଲିପିବଦ୍ଧ ହୋଇ ରହିଛି। କାଲି ମମତା ବାନାର୍ଜୀଙ୍କ ନାମ ମଧ୍ୟ ଏହି ତାଲିକାରେ ରହିବ ଯେଉଁମାନେ କ୍ଷମତା ଏବଂ ବ୍ୟକ୍ତିଗତ ଫାଇଦା ପାଇଁ ଦେଶର ସ୍ୱାର୍ଥକୁ ବଳି ପକାଇଛନ୍ତି। ମମତା ବାନାର୍ଜୀ ପଶ୍ଚିବଙ୍ଗରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ସୁରକ୍ଷା ଏବଂ ପ୍ରୋତ୍ସାହନ ଦେଉଛନ୍ତି। ସେମାନଙ୍କୁ ସ୍ଥାୟୀ ଭାବେ ବସବାସ କରିବାକୁ ଜମି ଦେଉଛନ୍ତି। ସେମାନଙ୍କୁ ଭୋଟର ତାଲିକାରେ ସାମିଲ କରାଯାଉଛି। ଉଦ୍ଦେଶ୍ୟ ହେଲା କେବଳ ମୁସଲମାନ ଭୋଟରଙ୍କ ସଂଖ୍ୟା ବୃଦ୍ଧି କରିବା। ସେଥିପାଇଁ ସେ ନାଗରିକତ୍ୱ ସଂଶୋଧନ ଆଇନ ଏବଂ ନାଗରିକ ପଞ୍ଜିକରଣ ପ୍ରସ୍ତାବକୁ ବିରୋଧ କରୁଛନ୍ତି। କେବଳ ଦେଶ ବିରୋଧୀଙ୍କୁ ପ୍ରଶ୍ରୟ ଦେବା ଏହାର ଉଦ୍ଦେଶ୍ୟ। ଏଥିପାଇଁ ପଶ୍ଚିମବଙ୍ଗର ଅସ୍ତିତ୍ୱ ଆଜି ବିପଦରେ। ଏଥିପାଇଁ ମମତାଙ୍କ ବିରୋଧରେ ସାରା ଦେଶରେ ବିକ୍ଷୋଭ, ସମାବେଶ ହେବା ଉଚିତ। ତାଙ୍କୁ ସବୁ ସ୍ତରରେ ବିରୋଧ କରାଯିବା ଉଚିତ। ତାଙ୍କ ଧର୍ମନିରପେକ୍ଷତାର ମୁଖାକୁ ଖୋଲିଦିଆଯିବା ଉଚିତ।

# ସୁପର ଫୁଡର ପୁଷ୍ଟିଶସ୍ୟ

॥ ବିପିନ ବିହାରୀ ରାଉତ ॥

> “ ମିଳେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବ।

ଓଡ଼ିଶାରେ ଉତ୍ପାଦିତ ମାଣ୍ଡିଆ ସଂପ୍ରତି ବିଶ୍ୱ ଦରବାରରେ ପହଞ୍ଚି ଏହାର ଆଦୃତି ଓ ଲୋକପ୍ରିୟତାକୁ ବଢ଼ାଇଛି। ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ଓଡ଼ିଶା ମିଲେଟ। ଏହାକୁ ଦୃଷ୍ଟିରେ ରଖି ଆଜି ଓ ଆସନ୍ତକାଲି ଦୁଇଦିନ ତିନିଶହରୁ ଅଧିକ ବିଦେଶୀ ପ୍ରତିନିଧିଙ୍କୁ ନେଇ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବା ମିଲେଟ ସମ୍ମିଳନୀ ଆୟୋଜନ ହେଉଛି। ଯେଉଁଥିରେ ୧୮ଟି ଫୁଡଷ୍ଟଲ, ୭୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ ଓ ୧୩ଟି ଷ୍ଟଲରେ ଚାଷରେ ବ୍ୟବହାର କରୁଥିବା ବିଭିନ୍ନ ମେସିନ ପ୍ରଦର୍ଶିତ କରାଯିବାର କାର୍ଯ୍ୟକ୍ରମ ରହିଛି। କେବଳ ସେତିକି ନୁହେଁ ଆଗାମୀ ଦଶ ବର୍ଷକୁ ଦୃଷ୍ଟିରେ ରଖି ମାଣ୍ଡିଆ ଚାଷକୁ ଏକ ଲୋକପ୍ରିୟ ଓ ବିଧିବଦ୍ଧ ଭାବେ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇ ବୈଜ୍ଞାନିକ ପ୍ରଣାଳୀରେ ଉତ୍ପାଦନ ବୃଦ୍ଧି ସହ ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକରୁ ମାଣ୍ଡିଆ ଚାଷର ଶ୍ରେଷ୍ଠ ଉପାୟ ବିଷୟରେ ଜାଣିବା, ହୋଟେଲ ଓ ରେଷ୍ଟୁରାଣ୍ଟରେ ମିଲେଟ ଖାଦ୍ୟର ବିଭିନ୍ନ ପ୍ରସ୍ତୁତିକୁ ପ୍ରୋତ୍ସାହନ, ସର୍ବୋପରି ମାଣ୍ଡିଆକୁ କିଭଳି ଉତ୍ତମ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରି ମୂଲ୍ୟଯୁକ୍ତ କରାଯାଇପାରିବ ସେ ନେଇ ସବିଶେଷ ଆଲୋଚନାର କାର୍ଯ୍ୟକ୍ରମ ରହିଛି।

ସର୍ବମୋଟ ୩୨ କର୍ମଶାଳାରେ ୧୯୮ ଜଣ ଖ୍ୟାତିସମ୍ପନ୍ନ ପ୍ୟାନେଲିଷ୍ଟ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ମିଲେଟର ଜୟଯାତ୍ରାରେ ମାଆ ମାନଙ୍କ ଦକ୍ଷତା ଓ ସେମାନଙ୍କର ସଶକ୍ତିକରଣର ବ୍ୟାପକ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ ହେବ। ସେହିପରି ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲପମେଣ୍ଟ, ଦକ୍ଷିଣପୂର୍ବ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଆଫ୍ରିକୀୟ ଦେଶ ସହ ୟୁରୋପୀୟ ଦେଶର କୃଷି ପରାମର୍ଶଦାତାଙ୍କ ସମେତ ବିଭିନ୍ନ ଦୂତାବାସର ପ୍ରତିନିଧି ଓ ବିଭିନ୍ନ ରାଜ୍ୟର କୃଷି ସଚିବମାନେ ଯୋଗଦାନ କରି ଏଥିରେ ସାମିଲ ହେବେ।

ଚଳିତ ନଭେମ୍ବରରେ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମିଲେଟର ବହୁଳ ବ୍ୟବହାର, ମିଲେଟ ଚାଷର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ସହଭାଗୀ ସଂସ୍ଥାର ସହଯୋଗରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ୨୦୨୨ ମସିହାରୁ ନଭେମ୍ବର ୧୦ ତାରିଖକୁ ୨୦୨୨କୁ ମାଣ୍ଡିଆ ଦିବସ ଭାବେ ଘୋଷଣା କରିଥିଲେ। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜରାଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାର ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ସାଧାରଣ ବର୍ଣ୍ଟନ ବ୍ୟବସ୍ଥା, ଆଇସିଡିଏସ, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ଇତ୍ୟାଦିରେ ମିଲେଟ ଖାଦ୍ୟର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସହ ବାଜରାଭିତ୍ତିକ ଉତ୍ପାଦର ବଜାର ଓ ରପ୍ତାନିକୁ ସୁଗମ କରିବାକୁ ଗୁରୁତ୍ୱ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ଗୁରୁତ୍ୱ ଦିଆଯାଇଛି।

ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା। ସେହିଭଳି କୃଷି ଏବଂ ମିଶନ ଶକ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦନଗୁଡ଼ିକର ଉତ୍ତମ ବଜାର ସୁବିଧା ସମ୍ପର୍କରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ମିଲେଟଭିତ୍ତିକ ଉତ୍ପାଦର ମୂଲ୍ୟଯୁକ୍ତ ବ୍ୟବହାର ସହ ପ୍ରମୁଖ ସହର ଏବଂ ଜିଲ୍ଲା ସଦର ମହକୁମାରେ ମିଲେଟ ଶକ୍ତି କାଫେ/ଆଉଟଲେଟ ଖୋଲାଯାଇଛି। ବ୍ଲକ ସହର ଭିତରେ ଥିବା ମିଲେଟ ଟିଫିନ ସେଣ୍ଟରରେ ଜଳଖିଆ ଦିଆଯାଉଛି। ଏହାର ବ୍ୟାପକତା ଉପରେ ଗୁରୁତ୍ୱ ଏବଂ ଓଡ଼ିଶା ମିଲେଟ ମିଶନର ସଫଳତା ସମ୍ପର୍କରେ ସମ୍ମିଳନୀରେ ସବିଶେଷ ଆଲୋଚନା ହେବ।

ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ମ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ୍ୟ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖି ଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟସ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୭ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି।

୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକ ମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ୍ୟ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟସ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରସାୟନିକ ସାରା ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ୍ୟ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟସ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟସ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁନଥିଲେ କିମ୍ବା ଏହାର ଆଦର ନଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ଫଳାଉଛି।

ଗତ ଜି-୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ଏହା ବିନା ଜଳସେଚନ ଓ ବିନା କୀଟାଣୁ ନାଶକ ବା ରାସାୟନିକ ସାର ପ୍ରୟୋଗରେ ଧାନ ଓ ଗହମ ଠାରୁ କମ ଖର୍ଚ୍ଚରେ ଚାଷ କରାଯାଇ ପାରିବ। ଭବିଷ୍ୟତରେ ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ଏହା ହେବ ସେଗୁଡ଼ିକର ଉପାଦେୟ ବିକଳ୍ପ। ଏହା ଓଡ଼ିଶାର କୃଷି ଓ ଚାଷୀଭାଇ ତଥା ମହିଳା ସ୍ୱୟଂ ସହାୟକ ସଂଗଠନ ପାଇଁ ସେମାନଙ୍କର ବୃତ୍ତିଗତ କର୍ମକ୍ଷେତ୍ର ପାଇଁ ବଡ଼ ଆର୍ଥିକ ଅବଲମ୍ବନର ଉତ୍ସ। ଦିନକୁ ଦିନ ଏହାର ଗ୍ରହଣୀୟତା ଓ ଚାହିଦା ବଢୁଥିବାବେଳେ ଲୋକମାନଙ୍କ ମଧ୍ୟରେ ମଧ୍ୟ ଆଗ୍ରହ ବଢୁଛି। ଲୋକମାନଙ୍କ ଭିତରେ ଦିନକୁ ଦିନ ଏହାର ଆଗ୍ରହ ଯେଉଁପରି ବଢୁଛି ଓ ମାଣ୍ଡିଆ ବିଭିନ୍ନ ପ୍ରସ୍ତୁତିର ଖାଦ୍ୟ ପସରା ବଜାରରେ ଉପଲବ୍ଧ ହେଉଛି ଏଥିରୁ ମାଣ୍ଡିଆର ଲୋକପ୍ରିୟତା ପ୍ରମାଣିତ ହେଉଛି। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ପାଇଁ ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରବୃତ୍ତ ଲାଭ ହେଉଛି।


ଉପନିର୍ଦ୍ଦେଶକ, ଓରମାସ, ଭୁବନେଶ୍ୱର, ଦୂରଭାଷ : ୯୪୩୭୬୬୬୪୫୩,


# ଛକାପଞ୍ଝା ଛକରେ ଛଳଯୁଦ୍ଧ

॥ ମାୟାଧର ନାୟକ ॥

ସାରା ଦୁନିଆର ନଜର ଏବେ ଇସ୍ରାଏଲ-ପାଲେଷ୍ଟାଇନ୍-ଗାଜା ମହାଯୁଦ୍ଧ ଉପରେ। ଯୁଦ୍ଧରେ ନିର୍ଦ୍ଦୋଷଙ୍କୁ ହତ୍ୟା କରାଯାଉଛି। ଏ ଯୁଦ୍ଧରେ ଉଭୟପକ୍ଷ ପାଗଳଭଳି ଲଢୁଛନ୍ତି। ସାମ୍ରାଜ୍ୟବାଦୀମାନଙ୍କର କୌଣସି ଜାତି ନଥାଏ କି ନୀତି ନଥାଏ, ବିବେକ ନଥାଏ କି ହୃଦୟ ନଥାଏ। ଏ ଦେଶମାନେ ଯେକୌଣସି ହିଂସ୍ର ପଶୁଠାରୁ ବି ଅଧିକ କ୍ଷତିକାରକ। ଏମାନେ ନିଜ ଦେଶକୁ ଧ୍ୱଂସମୁଖକୁ କେବଳ ଟାଣିନିଅନ୍ତି ନାହିଁ - ବିଶ୍ୱର ବହୁଦେଶକୁ ପ୍ରଭୂତ କ୍ଷତି ପହଞ୍ଚାଇଥାନ୍ତି। କଥାରେ ଅଛି - ‘ଗୋଟିଏ ଦେଶ ଧ୍ୱଂସ ହେବାପାଇଁ ଜଣେ ’ମୁର୍ଖରାଜା’, ନିଷ୍କ୍ରିୟ ପ୍ରଜା ଓ ବିକ୍ରିଯୋଗ୍ୟ ଗଣମାଧ୍ୟମ ହିଁ ଯଥେଷ୍ଟ।’ ଏବେ ଇସ୍ରାଏଲରେ ଲୋକେ ପ୍ରଧାନମନ୍ତ୍ରୀଙ୍କୁ ଅଯୋଗ୍ୟ କହି ଇସ୍ତଫା ଦାବୀ କଲେଣି। ବୁଦ୍ଧିଆମାନେ ଲଢ଼ିବା ପୂର୍ବରୁ ଜିତିଥାନ୍ତି। ମୁର୍ଖମାନେ ଜିତିବାପାଇଁ ଲଢୁଥାନ୍ତି। ଏବେ ଏହା ରୁଷ-ୟୁକ୍ରେନ୍-ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧରେ ଦେଖାଦେଇଛି। ଏହା କୁରୁକ୍ଷେତ୍ର ସହ ତୁଳନା କରାଯାଇପାରେ - ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ନେତୃତ୍ୱରେ ଯୁଦ୍ଧ ପୂର୍ବରୁ ଜିତିଯାଇଥିଲେ - କପଟି ଶକୁନି ବୁଦ୍ଧିରେ କୌରବକୂଳ ମିଛଟାରେ ଜିତିବାପାଇଁ ଲଢ଼ିଲଢ଼ି ଧ୍ୱଂସ ହୋଇଗଲେ। ଅହଂକାର, କ୍ରୋଧ, ରାଗ, ଅପରାଧର କୌଣସି ସୀମାନାହିଁ।

ଏ ଛଳଯୁଦ୍ଧ ବନ୍ଦ ହେବାର ନାହିଁ। ସମସ୍ତେ ଭାବିଥିଲେ - ୟୁଷ-ୟୁକ୍ରେନ୍ ଯୁଦ୍ଧ ଦି’ତିନି ଦିନରେ ଶେଷ ହୋଇଯିବ। କିନ୍ତୁ ୨୦୨୨ ଫେବୃୟାରୀ ୨୪ ତାରିଖରୁ ଏ ଯୁଦ୍ଧ ଚାଲିଛି। ଏବେ ୨୦୨୩ ଅକ୍ଟୋବର ୭ରୁ ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧ ଚାଲୁଛି। ଦିନକୁ ଦିନ ଯୁଦ୍ଧ ଭୀଷଣ ଭୟଙ୍କର ହେବାରେ ଲାଗିଛି। ଏ ଯୁଦ୍ଧ ଏବେ ଶେଷ ହେଉନି। ନାଜି ହିଟଲର୍ ଭଳି ଇସ୍ରାଏଲ ନେତାନ୍ୟହୁ କାହା ପରାମର୍ଶ ଶୁଣୁନାହାଁନ୍ତି। ଗାଜାପଟ୍ଟିରେ ହମାସ୍‌ମାନେ ସାଧାରଣ ଲୋକଙ୍କ ସହ ଛନ୍ଦାଛନ୍ଦିହୋଇ ଥିବା ସନ୍ଦେହକରି ଇସ୍ରାଏଲ ସାଧାରଣ ନାଗରିକଙ୍କୁ ରାସ୍ତାଘାଟ, ସହରବଜାର, ଡାକ୍ତରଖାନା, ସ୍କୁଲକଲେଜ, ଶରଣାର୍ଥୀ ଶିବିରକୁ ବୋମା ପକାଇ ଅହରହ ଧ୍ୱଂସ କରିବାରେ ଲାଗିଛି।

ଅପରପକ୍ଷେ ଶକ୍ତିଶାଳୀ ହମାସ୍‌ଙ୍କ ସହ ଲେବାନନ୍‌ର ହୁଜବୋଲ୍ଲା, ୟେମେନ୍‌ର ‘ହୁଥି ଯୋଦ୍ଧାବାହିନୀ’ ଇସ୍ରାଏଲ ଉପରେ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଇସ୍ରାଏଲ ଛାନିଆହୋଇ ପରମାଣୁ ବୋମା ପକାଇବ ବୋଲି କହିଲାଣି। ଇସ୍ରାଏଲ ବିରୁଦ୍ଧରେ ଲଢୁଥିବା ଅତି ଶକ୍ତିଶାଳୀ ତିନି ସଂଗଠନ ସହ ଏବେ ରୁଷ ୱାଗନର ଗୋଷ୍ଠୀ ଯୁଦ୍ଧକୁ ଓହ୍ଲାଇବା ପାଇଁ ସ୍ଥିର କରିସାରିଲେଣି। ଇରାନ୍ ପ୍ରଥମରୁ ଗାଜା ଯୋଦ୍ଧାକୁ ସହଯୋଗ କରିଆସୁଛି। ବିଶ୍ୱ ଜନମଞ୍ଚ ଏବେ ଇସ୍ରାଏଲ-ଆମେରିକା ବିରୁଦ୍ଧରେ। ଗାଜାକୁ ସମର୍ଥନ କରି ପ୍ରାୟ ସବୁ ଦେଶରେ ବିକ୍ଷୋଭଶୋଭାଯାତ୍ରା ଚାଲିଛି।

ବିଶ୍ୱ ଅନ୍ଧାରୀଯୁଗରେ ପହଞ୍ଚଗଲାଣି। କୌଣସି ଦେଶରେ ଡାକ୍ତରଖାନା, ଆମ୍ବୁଲାନ୍ସ, ରେଡ୍‌କ୍ରସ୍, ଔଷଧ ଦୋକାନ ଉପରେ ଆକ୍ରମଣ ମନାବୋଲି ଆର୍ନ୍ତଜାତୀୟ ଆଇନ୍ ପ୍ରଣୟନ କରାଯାଇଛି। ହେଲେ ଇସ୍ରାଏଲ ଏ ଆଇନ୍‌କୁ ଫୁତ୍‌କାରରେ ଉଡାଇଦେଇ ଆକାଶରୁ ବୋମାବର୍ଷଣ କରିଚାଲିଛି। ପାହାଡ ଭଳି ଶବରେ ପରିଣତ ହେଲାଣି ଗାଜା। ବିଭିନ୍ନ ଦେଶର ଇସ୍ରାଏଲରେ ଦୂତାବାସକୁ ବନ୍ଦ ଘୋଷଣା କଲେଣି। ସାରାବିଶ୍ୱରୁ ଚାପ ପଡୁଛି ଯୁଦ୍ଧ ବିରତି ପାଇଁ। ହାଲିଆ ମାରିବା ପାଇଁ ୪ ଘଣ୍ଟା ମହଲତ ଉଭୟପକ୍ଷର ସମ୍ମତିରେ ସ୍ଥିରିକୃତ ହୋଇଛି - ଅର୍ଥାତ୍ ଏଇ ୪ଘଣ୍ଟା ହାଲିଆ ମାରିଲାପରେ ପୁଣି ମଣିଷ ମାରିବେ। ୪ ଘଣ୍ଟିଆ ଯୁଦ୍ଧବିରତି ପାଇଁ ଇସ୍ରାଏଲ ରାଜିହୋଇ ଏବେ ପୁଣି ପଛଘୁଞ୍ଚା ଦେଲାଣି। ଏଇ ହେଉଛି ଛକାପଂଝାର ଛଳଯୁଦ୍ଧ।

ଯୁଦ୍ଧର ୫ ସପ୍ତାହ ପରେ ଆରବ ଇସ୍‌ଲାମିକ୍ ସମିତି ସମ୍ମିଳନୀରେ ୫୭ ଦେଶର ପ୍ରତିନିଧିମାନେ ଇସ୍ରାଏଲ ଯୁଦ୍ଧରେ ମଣିଷମରା ମେସିନ୍ ପ୍ରୟୋଗରେ ଗଣହତ୍ୟା ବିରୁଦ୍ଧରେ ପ୍ରତିବାଦକରି ଗାଜାକୁ ସମର୍ଥନ ଜଣାଇଛନ୍ତି। ଅବିଳମ୍ବେ ଇସ୍ରାଏଲ ଯୁଦ୍ଧବିରତି କରୁ ଏବଂ କ୍ଷତିପୁରଣ ଦେଉ। ଯେଉଁ ସାଧାରଣ ନାଗରିକ, ମହିଳା, ଶିଶୁଙ୍କୁ ହତ୍ୟା କଲା - ସେମାନଙ୍କ ଜୀବନ ତ ଫେରେଇଦେଇ ପାରିବନାହିଁ ! ଯୁଦ୍ଧ ଅପରାଧୀ ଭାବେ ସାରାବିଶ୍ୱରେ ଦଣ୍ଡିତ ହେବ। କିନ୍ତୁ ଧ୍ୱଂସ କରିଥିବା ସଂପତ୍ତିବାଡିର କ୍ଷତିପୁରଣ ଦେବାକୁ ବାଧ। ଆଉ କାଳବିଳମ୍ବ ନକରି ଆମକୁ ତୁରନ୍ତ ଏ ଯୁଦ୍ଧ ବନ୍ଦ କରିବାକୁ ହେବ। ଆମକୁ ଆମ ପିଲାମାନେ ଦିନେ ପଚାରିବେ - ଶିଶୁମାନଙ୍କୁ ଜଘନ୍ୟ ଭାବେ ଇସ୍ରାଏଲ ହତ୍ୟା କରୁଥିବାବେଳେ ଆପଣମାନେ କ’ଣ କରୁଥିଲେ ? କି ଉତ୍ତର ଦେବୁ ?ମୂଳ ସମସ୍ୟା ସମାଧାନ କରାନଗଲେ ସମଗ୍ର ବିଶ୍ୱକୁ ଦିନେ ଏହାର ଜବାବ୍ ଦେବାକୁ ହେବ।

ଗାଜାରେ ରକ୍ତମିଶା ପାଉଁଶର ପଲସ୍ତରା ତଳେ ଚାପା ପଡିଯାଉଛି ସାଧାରଣ ମଣିଷର ମର୍ମନ୍ତୁଦ ଜୀବନ। ରକ୍ତପ୍ରଳୟ ପୟୋଧିରେ କ୍ଷୁଦ୍ର ବଟପତ୍ର ଭଳି ଭାସୁଛି ଗାଜା। ଆନ୍ତର୍ଜାତୀୟ ରାଜନୀତି ଦୋଦୁଲ୍ୟମାନ। ସବୁଦେଶର ରାଷ୍ଟ୍ରମୁଖ୍ୟମାନେ ଯୁଦ୍ଧ ବନ୍ଦ କରିବାପାଇଁ କହିଲେଣି। ବାଇଡେନ୍ ଅନ୍ଧ ଭାବେ ଇସ୍ରାଏଲକୁ ସମର୍ଥନ କରୁଥିବାରୁ ବହୁଳାଂଶ ଆମେରୀକୀୟ ବିରୋଧ କରୁଛନ୍ତି। ଗାଜା ଆମେରିକ-ଇସ୍ରାଏଲ ପାଇଁ ଅଭିଶାପ ପାଲଟିଥିବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। କୌଣସି ଯୁଦ୍ଧ କେବେ ସଫଳ ହୁଏନା। ମାରିବା-ମରିବା ଅସ୍ଥିମଜ୍ଜାଗତ। ହତ୍ୟା ଓ ମୃତ୍ୟୁର ଆକର୍ଷଣ ଚୁମ୍ବକ ଭଳି। ଏ ଛକାପଂଝା ଛଳଯୁଦ୍ଧ ଯୋଜନାବଦ୍ଧ। ଏ ଘୃଣ୍ୟ ଯୋଜନାକୁ କେବଳ ବିଶ୍ୱର ସଚେତନ ଜନଗଣ ଧୂଳିସାତ୍ କରିଦେଇପାରିବେ। ପ୍ରଥମଥର ପାଇଁ ସମଗ୍ରବିଶ୍ୱରେ ପ୍ରାୟ ସବୁଦେଶରେ ସହରବଜାର ଗାଁଗଣ୍ଡାରେ ଯୁଦ୍ଧବିରୋଧୀ ବିକ୍ଷୋଭ ଦୁର୍ବାର ହେବାରେ ଲାଗିଛି। ଆମେରିକା ଦୂତାବାସ ଘେରାଉ କରୁଛନ୍ତି। ଅବିଳମ୍ବେ ଯୁଦ୍ଧ ବନ୍ଦ କରିବାପାଇଁ ଦାବୀ କରୁଛନ୍ତି।

ଯୁଦ୍ଧ ଆରମ୍ଭବେଳେ ଯେଉଁମାନେ କୁହୁଳା ନିଆଁରେ ଘିଅ ଢାଳୁଥିଲେ - ଏବେ ସେ ହୁତୁହୁତୁ ନିଆଁର ଝୁଲ ସେମାନଙ୍କ ଉପରେ ପଡୁଛି। ଯୁଦ୍ଧ ବନ୍ଦ କରିବାକୁ ଯେତେ ରଡି ଛାଡିଲେ ବି କେହି ଶୁଣିବାକୁ ନାହିଁ। ଯେଉଁ ଆମେରିକା ଇସ୍ରାଏଲକୁ ଖତରନାକ୍ ଯୁଦ୍ଧାସ୍ତ୍ର ବିକ୍ରି କରିଥିଲା - ସେଇ ଅସ୍ତ୍ରରେ ଇସ୍ରାଏଲ ରକ୍ତମୁଖା ହୋଇ ଗାଜା ଉପରେ ନିକ୍ଷେପକରି ଶହଶହ ନିରୀହ ମଣିଷକୁ ଜିଅନ୍ତା ଶବରେ ପରିଣତ କରିଦେଲାଣି। ଇସ୍ରାଏଲ ପକ୍ଷରେ ଆମେରିକା, ବ୍ରିଟେନ୍, ଫ୍ରାନ୍ସ୍, ଭାରତ ପ୍ରମୁଖ ଦେଶ ପାଲେଷ୍ଟାଇନ୍-ଗାଜା ସପକ୍ଷରେ ୫୭ ମୁସଲିମ୍ ଦେଶ ସମେତ ରୁଷ, ଚୀନ୍, ଉତ୍ତରକୋରିଆ ପ୍ରମୁଖ ଦେଶ ଢାଲ ଭଳି ଠିଆହୋଇଛି। ଏବେ ଇସ୍ରାଏଲକୁ ଚାରିପଟୁ ଆକ୍ରମଣ ଆରମ୍ଭ ହୋଇଗଲାଣି। ପାଲେଷ୍ଟାଇନ୍-ଗାଜା-ହମାସ୍‌କୁ ସହଯୋଗ କରିବାପାଇଁ ଇସ୍ରାଏଲକୁ ଜିହାଦ୍, ଲେବାନନ୍‌ର ହିଜବୁଲ୍ଲା, ଇରାନ୍, ୟେମନ୍‌ର ହାଇଥି ବିଦ୍ରୋହୀ ଡ୍ରୋନ୍ ମିଜାଇଲ୍ ମାଧ୍ୟମରେ ଆକ୍ରମଣ କରୁଛନ୍ତି। ଏଭଳି ଏକ ସମୟରେ ଆମେ ପହଞ୍ଚିଲେଣି - ଖୁବ୍ ଶୀଘ୍ର ଦେଶେଦେଶେ ଭୟଙ୍କର ଯୁଦ୍ଧ ଲାଗି ବିଶ୍ୱର ଅଧାଲୋକ ଶବ ପାଲଟିଯିବେ। ସେତେବେଳକୁ ଯୁଦ୍ଧାସ୍ତ୍ର, ଅର୍ଥ, ଖାଦ୍ୟ ନଥିବ। ଲୋକ ଭୋକ ଓ ରୋଗରେ ପଡି ଛଟପଟ ହେବେ।

ଆନ୍ତର୍ଜାତୀୟ ଆଇନ୍, ଆନ୍ତର୍ଜାତୀୟ ଅପରାଧ କୋର୍ଟମାନେ ଦୁର୍ବଳ ଦେଶ ଉପରେ ଆଇନ୍, ରାୟ ଚାପିଦେଉଛନ୍ତି। ସବଳଦେଶ ଏମାନଙ୍କୁ ମାନୁନାହାଁନ୍ତି। ଜାତିସଂଘ ତ କେବେଠୁ ଦନ୍ତହୀନ ହୋଇଗଲାଣି। ବିଶ୍ୱସ୍ୱାସ୍ଥ୍ୟସଂଗଠନ କିଂକର୍ତ୍ତବ୍ୟମୂଢ଼ ପାଲଟିଯାଇଛି। ସମସ୍ୟା, ଦ୍ୱନ୍ଦ, ଯୁଦ୍ଧ ସାରାପୃଥିବୀରେ ଛାଇଯାଇଛି। ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ, ଜାତିସଂଘ ଅବସ୍ଥା ଖରାପଆଡକୁ ଯାଉଛି। ଆମେରିକା ସମଗ୍ରବିଶ୍ୱକୁ ନିଜ ଅକ୍ତିଆରରେ ରଖିବାକୁ କାର୍ଯ୍ୟକରୁଥିଲା। ତା’ର ମନ୍ଦବୁଦ୍ଧି ଯୋଗୁ ଚୀନ୍, ରୁଷ୍ ଲାଭବାନ୍ ହେବାରେ ଲାଗିଛନ୍ତି। ଏଣେ ବିଶ୍ୱର ଦୁଇନମ୍ବର ବଳଶାଳୀ ଚୀନ୍ ଟାକି ରହିଛି - କେତେବେଳେ ଏକନମ୍ବର ଆମେରିକା ଧରାଶାୟୀ ହେବ।


ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


# ଜାଗ୍ରତ ରାଷ୍ଟ୍ର ଗଠନରେ ଆଇନ୍

॥ ସୌର ଚନ୍ଦ୍ର ମହାପାତ୍ର ॥

ଗଣତନ୍ତ୍ରର ଅନ୍ୟତମ ପ୍ରମୁଖ ସ୍ତମ୍ଭ ନ୍ୟାୟପାଳିକା ଉପରେ ଦିନକୁ ଦିନ ଜନସାଧାରଣଙ୍କ ବିଶ୍ୱାସ ଓ ଭରସା ବୃଦ୍ଧି ପାଉଥିବାବେଳେ ଆଇନ ସଚେତନତା ଦିବସ ଦ୍ୱାରା ସାଧାରଣରେ ଆଇନ ସମ୍ବନ୍ଧୀୟ ବିଭିନ୍ନ ଜ୍ଞାତବ୍ୟ ତଥ୍ୟ ଜାଣିବା ସହ ନିଜ ପାଇଁ ଆଇନ ପ୍ରାସଙ୍ଗିକ ବିଷୟକୁ ନେଇ ସଚେତନତା ହେବାର ଦିନଟିଏ ହେଉଛି ଜାତୀୟ ଆଇନ ସଚେତନତା ଦିବସ। ବର୍ଷ ବର୍ଷ ଧରି ଭାରତୀୟ ପିଙ୍ଗଳ ସଂହିତାରେ ସୂଚୀତ ହୋଇଥିବା ବିଭିନ୍ନ ଆଇନର ବ୍ୟବସ୍ଥା ସାମ୍ପ୍ରତିକ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ସମସ୍ତଙ୍କ ପାଇଁ ଆଇନ କାନୁନ୍ ଜାଣିବା ହେଉଛି ଜଣେ ଯଥାର୍ଥ ନାଗରିକର ଦାୟିତ୍ୱ। ସଂପ୍ରତି ଦେଖାଦେଉଛି ସରକାରୀ କଳ ଠାରୁ ଜାତୀୟ ଓ ରାଜ୍ୟ ତଥା ସାମ୍ପ୍ରତିକ ସମସ୍ୟାଭିତ୍ତିକ ପ୍ରସଙ୍ଗରେ ନ୍ୟାୟ ପାଳିକା ହସ୍ତକ୍ଷେପ କରି ସଂପୃକ୍ତ ପକ୍ଷକୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି। କହିବାକୁଗଲେ ଭାରତୀୟ ନ୍ୟାୟପାଳିକା ସମସ୍ତଙ୍କ ଦ୍ୱାରା ଗ୍ରହଣୀୟ ଓ ପ୍ରଶଂସନୀୟ ହେଉଛି। ଭାତ ହାଣ୍ଡିରୁ ଗୋଟିଏ ପରି କଟକ ସହରର ପିଇବା ପାଣି ବ୍ୟବସ୍ଥା ଠାରୁ ରାସ୍ତାଘାଟ ମରାମତି, ସମସ୍ୟା ବହୁଳ ପ୍ରସଙ୍ଗ ନେଇ ଶିକ୍ଷାୟତନରେ ତାଲା ବନ୍ଦ ଠାରୁ ଖୋଦ୍ ଡାକ୍ତରଖାନା ସମ୍ମୁଖରେ ପଡ଼ି ଛଟ ପଟ ହେଉଥିବା ରୋଗୀଟି ପାଇଁ ମାନ୍ୟବର ନ୍ୟାୟାଳୟ ନିଜ ଆଡୁ ଏ ନେଇ ମାମଲା ରୁଜୁ କରି ବ୍ୟବସ୍ଥାର ସୁଧାର ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଉଛନ୍ତି। ଯାହାର ସୁଫଳ ସଂପୃକ୍ତ ରୋଗୀ ବା ଅନୁଷ୍ଠାନ ତତ୍‌କାଳ ପାଇବାରେ ସମର୍ଥ ହେଉଛନ୍ତି।

ମୁଖ୍ୟ କଥା ହେଉଛି ଦିନକୁ ଦିନ ନ୍ୟାୟାଳୟରେ ମାମଲାର ବୋଝ ବୃଦ୍ଧି ପାଉଥିବାବେଳେ ସେହି ତୁଳନାରେ ମାନ୍ୟବର ବିଚାରପତି ଓ ଆନୁସଙ୍ଗିକ କର୍ମଚାରୀଙ୍କୁ ନୂତନ ନିଯୁକ୍ତି ଦିଆଯାଉନାହିଁ। ବର୍ଷ ବର୍ଷ ଧରି ମାମଲା ଖତ ଖାଇ ପରିଶେଷରେ ରାୟ ପ୍ରକାଶ ପାଇଲା ବେଳକୁ ଉଭୟ ମୁଦଲା ଓ ମୁଦେଇ ଜୀବନରେ ରହିନଥାନ୍ତି। ତେଣୁ ଯଥାର୍ଥରେ କୁହାଯାଏ ବିଳମ୍ବିତ ନ୍ୟାୟ ବିଡ଼ମ୍ବିତ। ନିତିଦିନିଆ ଜୀବନରେ ଦେଖାଯାଇଥାଏ ଆମ୍ଭେମାନେ ଜାଣି ମଧ୍ୟ ଧର୍ମକୁ ଆଖିଠାର ପରି ନ୍ୟାୟାଳୟକୁ ସମ୍ମାନ ପ୍ରଦର୍ଶନ କରିନଥାଉ। ବ୍ୟକ୍ତିଗତ ଜୀବନରେ ଦେଶର ସମ୍ବିଧାନ ଓ ନ୍ୟାୟର ବିଭିନ୍ନ ଦିଗ ଉପରେ ଜାଣିବା ସମସ୍ତଙ୍କ ପାଇଁ ଜରୁରୀ। ସଂପ୍ରତି ଭାରାକ୍ରାନ୍ତ ମାମଲାକୁ ଲାଘବ ପାଇଁ ମାନ୍ୟବର କୋର୍ଟ ବିଭିନ୍ନ ସମୟରେ ଭ୍ରାମ୍ୟମାଣ କୋର୍ଟ, ଲୋକ ଅଦାଲତ ଓ ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରି ଲୋକମାନଙ୍କ ପାଖରେ ତ୍ୱରିତ ନ୍ୟାୟ ପ୍ରଦାନ କରିବାରେ ସମର୍ଥ ହେଉଛନ୍ତି। ଆଇନକୁ ନେଇ ଜଣେ ଯଦି ସଚେତନ ନହୁଏ ତାହେଲେ ସେ ଲୋକକୁ ନ୍ୟାୟାଳୟ ନ୍ୟାୟ ପ୍ରଦାନ ପାଇଁ ବିଳମ୍ବ ହେବା ସ୍ୱଭାବିକ। ବର୍ତ୍ତମାନ ଦେଖାଯାଉଛି କଥା କଥାକେ ଲୋକେ ଥାନା, କୋର୍ଟ କଚେରୀ ଧାଉଁଛନ୍ତି ଯାହାଦ୍ୱାରା ସେମାନଙ୍କ ମାନସିକ, ଶାରୀରିକ ଓ ଆର୍ଥିକ ସହିତ ବହୁମୂଲ୍ୟ ସମୟ ନଷ୍ଟ ହେଉଛି। ଭାରତ ବାହାରେ ପ୍ରାୟତଃ ସମସ୍ତ ରାଷ୍ଟ୍ରରେ ଲୋକମାନେ ସେହି ଦେଶର ସଂଘୀୟ ବ୍ୟବସ୍ଥା ପ୍ରଚଳିତ ଆଇନକୁ ଯଥେଷ୍ଟ ସମ୍ମାନ ପ୍ରଦାନ କରିଥାନ୍ତି। ଯାହାକି ଭାରତ ବର୍ଷରେ ବିରଳ। ସେହିପରି ଅନେକ କ୍ଷେତ୍ରରେ ଦେଖାଯାଇଛି ହୃଦୟବାନ ଓ ଜ୍ଞାନଦୀପ୍ତ ଧର୍ମାବତାରମାନେ ସବୁଦିଗରୁ ବିଚାର କରି ସଠିକ୍ ନ୍ୟାୟ ପ୍ରଦାନ କରିଥାନ୍ତି। ନ୍ୟାୟର ଦଣ୍ଡ ଧରିଥିବା ବିଚାରପତିମାନଙ୍କୁ ଭାରତୀୟ ଚିନ୍ତା ଓ ଚେତନାରେ ଧର୍ମାବତାର ବୋଲି ସମ୍ବୋଦ୍ଧିତ କରାଯାଏ। ସରକାରୀ ଓ ବିଭିନ୍ନ ବେସରକାରୀ ସଂଗଠନର ମିଳିତ ଆୟୋଜନରେ ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ଓ ଆଦିବାସୀ ବହୁଳ ଅଞ୍ଚଳରେ ଲୋକମାନଙ୍କୁ ସୂଚିତ ପାଇଁ ବିଭିନ୍ନ ପ୍ରକାର ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଜଣେ ନାଗରିକ ନିଜର ହକ୍ ଓ ତଥ୍ୟ ଜାଣିବାର ସଚେତନର ଭାବ ରହିଲେ ଆଇନର ସଚେତନତା ବୃଦ୍ଧି ପାଇବ। କଟକରେ ଭାରତର ଗୌରବ ପରି ଜାତୀୟ ଆଇନ ମହାବିଦ୍ୟାଳୟ ଖୋଲାଯାଇଛି। ଭାରତ ଓ ଭାରତ ବାହାରୁ ବିଭିନ୍ନ ଦେଶର ଆଇନ ଛାତ୍ରଛାତ୍ରୀମାନେ ଏଠାରେ ଶିକ୍ଷାଦାନ ଗ୍ରହଣ କରୁଛନ୍ତି। ସରକାରଙ୍କ ଜାଗୋ ଗ୍ରାହକ ଜାଗେ ବ୍ୟବସ୍ଥାରେ ଆଇନର ସଚେତନତା ଦ୍ୱାରା ହିଁ ନାଗରିକ ବା ଗ୍ରାହକମାନେ ଜାଗରିତ ହୋଇପାରୁଛନ୍ତି। ଆଇନ ସଚେତନତା ପାଇଁ ସଂପ୍ରତି ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗଣଶିକ୍ଷା ବିଭାଗରୁ ସ୍ୱତନ୍ତ୍ର ଭାବରେ ସଚେତନଧର୍ମୀ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ପାଇଁ ଏବଂ ବିଶେଷକରି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ଓ ଗରିବ ଶ୍ରେଣୀର ଲୋକମାନଙ୍କ ପାଇଁ ସରକାର ଜନାଭିମୁଖୀ ପଦକ୍ଷେପ ନେଇ ସେମାନଙ୍କୁ ମାଗଣା ଆଇନ ସେବା ଯୋଗାଇବାର ବ୍ୟବସ୍ଥା ରଖିଛନ୍ତି। ଆଇନକୁ ସଚେତନଧର୍ମୀ କରି ସମସ୍ତଙ୍କ ପାଖରେ ନ୍ୟାୟ ପହଞ୍ଚାଇବା ପାଇଁ ଗଣମାଧ୍ୟମ ଠାରୁ, ବେସରକାରୀ ସଂଗଠନ ଓ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଜି ଜାତୀୟ ଆଇନ ସଚେତନତା ଦିବସ ଅବସରରେ ସମସ୍ତେ ଭାରତୀୟ ସଂଘୀୟ ବ୍ୟବସ୍ଥାର ଆଇନକୁ ସମ୍ମାନ ଜଣାଇ ସଚେତନ ହେବାଦ୍ୱାରା ଏକ ପ୍ରଗତିଶୀଳ ଓ ଜାଗ୍ରତ ରାଷ୍ଟ୍ର ଗଠନ କରିବାରେ ନିଜକୁ ଉତ୍ସର୍ଗ କରିବା।


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
‘ସତ୍ୟାଳୟ’ ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,



# ମହାଭାରତ
# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଦଣ୍ଡଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ କରିବାକୁ ଆମ ପୁଲିସ ସମିତିର ପ୍ରୟାସ



ଭଞ୍ଜନଗର: ଆଉ କିଛି ଦିନ ପରେ ଆରମ୍ଭ ହେବ ଦକ୍ଷିଣ ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାବାବେଗ ସହ ଜଡିତ ପର୍ବ ଦଣ୍ଡଯାତ୍ରା । ଏହି ଯାତ୍ରା ସମୟରେ ପାରମ୍ପରିକ ରୀତିନୀତି ସହ ରାତିରେ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ପୂର୍ବରୁ ଏଥିରେ ପାରମ୍ପରିକ, ପାଣ୍ଡୁଲିପି, ରାମାୟଣ, ମହାଭାରତ ଭଳି ପାରମ୍ପରିକ ନୃତ୍ୟ ନାଟିକା ପରିବେଷଣ ହେଉଥିବା ବେଳେ ବର୍ତ୍ତମାନ ଏହି ପେରାଣିକ ପରମ୍ପରାରେ ଆଧୁନିକତା ପ୍ରବେଶ କରିଥିବାରୁ ମନୋରଞ୍ଜନ ଧାରା ବଦଳି ଯାଇଛି ।ବ□ତ୍ତମାନ ପାଶ୍ଚାତ୍ୟ କଳାର ଛିଟା ଦେଖିବାକୁ ମିଳୁଛି । ବିଶେଷ କରି ଅଶ୍ଳୀଳତାକୁ କିଛି ସ୍ଥାନରେ ପ୍ରାଧାନ୍ୟ ଦିଆଯାଉ ଥିବାରୁ ପାରମ୍ପରିକ ସଂସ୍କୃତି ବିପଥଗାମୀ ହେବା ସହ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଆଜି ଭଞ୍ଜନଗର ଥାନା ପରିସରରେ ଆୟୋଜିତ ଆମ ପୁଲିସ ସମିତି ବୈଠକରେ ଅତିଥି ମାନେ ପ୍ରକାଶ କରିଛନ୍ତି । ଏଣୁ ବିଭିନ୍ନ ଯାତ୍ରା କମିଟିର ଅଧିକାରୀମାନଙ୍କୁ ଆଜି ବୈଠକକୁ ଡକାଯାଇ ଦଣ୍ଡଯାତ୍ରା ସମୟରେ ଅଶ୍ଳୀଳତାକୁ ଯେଭଳି ପ୍ରଶୟ ଦିଆଯିବ ନାହିଁ ସେନେଇ ନିଷ୍ପତ୍ତି ନିଆଯାଇଛି ।ଏଥିସହ ଯାତ୍ରା ସମୟରେ ଯେଉଁ କେଣସି ସ୍ଥାନରେ ଆଇନ ଶୃଙ୍ଖଳା ସ୍ଥିତି ସୃଷ୍ଟି ହେଲେ ସେ ସଂପର୍କରେ ପୁଲିସ୍କୁ ନିର୍ଭୟରେ ଖବର ଦେବା ପାଇଁ ଏସ୍ଡିପିଓ ସୁଜିତ କୁମାର ନାୟକ କହିଥିଲେ । ଶ୍ରୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା ଶାନ୍ତି ଶୃଙ୍ଖଳାର ସହ ଦଣ୍ଡଯାତ୍ରା ସମ୍ପାଦନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏଥିରେ ଆମ ପୁଲିସ୍ ସମିତିର ବରିଷ୍ଠ ସଦସ୍ୟ କୃତ୍ତିବାସ ବିଶ୍ୱାଳ, ଡ.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ଜଗବନ୍ଧୁ ଜେମନା, ବେଦିକ ପଣ୍ଡିତ ଉପେନ୍ଦ୍ର କୁମାର ମିଶ୍ର, ସାମ୍ବାଦିକ ଲୋକନାଥ କର, ଅର୍ନ୍ତର୍ଯ୍ୟାମୀ ତ୍ରିପାଠୀ, ବିଶ୍ୱହିନ୍ଦୁ ପରିଷଦର ମୂରଲୀଧର ପଣ୍ଡା, ଆଇନଜୀବୀ ବଟକୃଷ୍ଣ ପଣ୍ଡା, ସୁଶାନ୍ତ ମହାପାତ୍ର, ଜଗଦୀଶ ପାଣିଗ୍ରାହୀ, ବାସନ୍ତି ପାଣିଗ୍ରାହୀ, ସନ୍ତୋଷ ଜେନା, ଜୟକୃଷ୍ଣ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଫଗୁମୟ ହେଲା ମେଳଣ ପଡ଼ିଆ, ୫ଲକ୍ଷ ଜନ ସମାଗମ

ପିପିଲି :ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଓଡିଶା ପ୍ରସିଦ୍ଧ ହରିରାଜପୁରର ପଞ୍ଚୁଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି । ବୁଧବାର ମଧ୍ୟରାତ୍ରରୁ ପ୍ରବଳ ଜନସମାଗମ ମଧ୍ୟରେ ଚିତ୍ତାକର୍ଷକ ଆତସବାଜିରୁ ଆରମ୍ଭ ହୋଇଥିବା ଏହି ମେଳଣ ରବିବାର ଅପରାହ୍ନ ଗୋଧୂଳୀ ଲଗ୍ନରେ ୫ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମେଳରେ ରଙ୍ଗୀନ ଫଗୁ ଖେଳରେ ଶେଷ ହୋଇଛି । ବହୁ ପ୍ରତିକ୍ଷିତ ଠାକୁର ମାନଙ୍କ ଦିଅଁମେଳଣ' ସମୟରେ ବିଭିନ୍ନ ରଙ୍ଗର ଫଗୁରେ ୧୦୭ ଏକର ପରିମିତ ମେଳଣ ପଡ଼ିଆ ସଂପୂର୍ଣ୍ଣ ରଙ୍ଗୀନ ହୋଇଯାଇଥିବା ବେଳେ ହରିବୋଲ, ହୁଳହୁଳି ଧ୍ୱନୀରେ ସମଗ୍ର ଅଞ୍ଚଳ କମ୍ପି ଉଠିଥିଲା ।ଗତ ୧୯ ତାରିଖ ମଧ୍ୟରାତ୍ରରୁ ଚିତ୍ତାକର୍ଷକ ଆତସବାଜୀ ସାଙ୍ଗକୁ ନୃତ୍ୟ ସଙ୍ଗୀତରେ ଏହି ମେଳଣର ଜମାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ହରିରାଜପୁର ଗ୍ରାମର ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥଦେବ ଏହି ମେଳଣର ସ୍ଥାନାଧିପତି ହୋଇଥିବା ବେଳେ ଅନ୍ୟ ୪ଟି ରାଜ ପ୍ରତିଷ୍ଠିତ ଦେବ ବିଗ୍ରହ ଯଥା ବୁଢାପଡାର ପ୍ରଭୁ ଶ୍ରୀସୋମନାଥ ଦେବ, ଟାଙ୍ଗିଭଁସର ଗ୍ରାମର ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବ, ଛଣଘରର ପ୍ରଭୁ ଶ୍ରୀଗତିଶ୍ୱେରଦେବ ଓ କନ୍ତିଆ ଗ୍ରାମର ପ୍ରଭୁ ଶ୍ରୀବାଲୁଙ୍କେଶ୍ୱର ଦେବଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଅନ୍ୟ ୮୦ଟି ଦେବ ବିଗ୍ରହଙ୍କ ସୁସଜ୍ଜିତ ଦୋଳବିମାନ ଏହି ମେଳଣର ଶୋଭାବର୍ଦ୍ଧନ କରିଥିଲେ ।ବହୁ ପରିବାର ଓ ବିଭିନ୍ନ ସଂଗଠନର ସଦସ୍ୟମାନେ ଏହି ମେଳଣକୁ ଆସି ଠାକୁର ମାନଙ୍କୁ ଦର୍ଶନ କରିସାରିବା ପରେ ପୁରୁଣା ପରମ୍ପରା ତଥା ମାନସିକ ଅନୁଯାଇ ମେଳଣ ପଡ଼ିଆରେ ମାଟି ହାଣ୍ଡିରେ ରୋଷେଇ କରି ପଂକ୍ତି ଭୋଜନ କରୁଥିବା ଦେଖାଯାଇଥିଲା । ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତ୍ୟହ ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁମାନେ ଏହି ମେଳଣକୁ ଆସି ଦୋଳ ବିମାନରେ ବିଜେ କରିଥିବା ୮୫ ଦେବ ବିଗ୍ରହଙ୍କୁ ଏକାଠି ଦର୍ଶନ କରିବାର ସୌଭାଗ୍ୟ ଲାଭ କରିବା ସହ ଫଗୁ ସି□ନ କରି ଆର୍ଶିବାଦ ଲାଭ କରିଥିଲେ ।ମାନସିକଧାରୀ ଭକ୍ତ ମାନଙ୍କର ଏଠାରେ ବେଶ୍ ଭିଡ ପରିଲକ୍ଷିତ ହୋଇଥିଲା । ଏଠାରେ ୭ଶହରୁ ଉର୍ଦ୍ଧ୍ୱ ଦୋକାନ ବଜାର ଖୋଲାଯାଇଥିବା ବେଳେ ଶତାଧିକ ଜଳଖିଆ ଦୋକାନରେ ପ୍ରତ୍ୟହ ବେଶ୍ ଭିଡ ପରିଲକ୍ଷିତ ହୋଇଥିଲା । ଏହି ମେଳଣରେ ପ୍ରାୟ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କାର କେବଳ ଫଗୁ ବିକ୍ରି ହୋଇଥିବା ସୂଚନା ମିଳିଛି ।ଝିପି ଝିପି ବର୍ଷା ସ□ ୨୨ତାରିଖ ଶନିବାର ଅପରାହ୍ନ ୩ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରୁ ୨ହଜାରରୁ ଅଧିକ କୀର୍ତ୍ତନକାରୀଙ୍କ ଦ୍ୱାରା 'ହରିହାଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଭିନ୍ନ ଜିଲାର ଲୋକକଳା ଦଳ ଯୋଗଦେଇଥିଲେ । ପ୍ରଭୁ ଶ୍ରୀପଶ୍ଚିମାଶମ୍ଭୁ ସୋମନାଥଦେବଙ୍କ ମନ୍ଦିରରୁ ଏହି ଚିକ୍ତାକର୍ଷକ 'ହରିହାଟ ଶୋଭାଯାତ୍ରା' ବାହାରି ମେଳଣ ପଡ଼ିଆକୁ ଯାଇ ସେଠାରେ ବେଢା ପରିକ୍ରମା ତଥା ଦୋଳ ବିମାନରେ ବିଜେ କରିଥିବା ୮୫ ଦେବ ବିଗ୍ରହଙ୍କୁ ପ୍ରଦକ୍ଷଣ କରିଥିଲେ । ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁ ଏହାକୁ ମନଭରି ଉପଭୋଗ କରିଥିବା ବେଳେ ହରିବୋଲ ଓ ହୁଳହୁଳି ଧ୍ୱନୀରେ ସମଗ୍ର ମେଳଣ ପଡ଼ିଆ ପ୍ରକମ୍ପିତ ହୋଇଥିଲା ।



## ୮୩ ବର୍ଷୀୟ ବୃଦ୍ଧାଙ୍କୁ ମିଳୁନି ବର୍ଦ୍ଧିତ ଭତ୍ତା



ଘୁ.ଉଦୟଗିରି: ୮୦ ବର୍ଷ ବୟସରୁ ର୍ଦ୍ଧ୍ୱ ସମସ୍ତ ବୃଦ୍ଧ ବୃଦ୍ଧାଙ୍କୁ ବାର୍ଦ୍ଧକ୍ୟ ଭତ୍ତା ୩୫୦୦ ଟଙ୍କା ପ୍ରଦାନ ଲାଗି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇ ପ୍ରଦାନ କରାଗଲାଣି । କିନ୍ତୁ ବୟସ ହୋଇଯିବା ପରେ ବି ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଉପର ସାହି ଘରି ନମ୍ବର ଓ୍ୱାର୍ଡ଼ର ସ୍ୱର୍ଗତ ଖଗେଶ୍ୱର ମଲ୍ଲିକଙ୍କ ସ୍ତ୍ରୀ ବିଲାଡ଼ି ମଲ୍ଲିକ ।ବୟସ ୮୩ ବର୍ଷ ହୋଇଥିଲେ ମଧ ତାଙ୍କର ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରାଯାଉନଥିବା ସେ ଅଭିଯୋଗ କରିଛନ୍ତି । ଭତ୍ତା ବୃଦ୍ଧି ଲାଗି ବିଲାଡ଼ି ମଲ୍ଲିକ ବାରମ୍ବାର ବିଭାଗୀୟ ଅଧିକାରୀ ମାନଙ୍କୁ ଭେଟି ଗୁହାରି କରିଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀମାନେ ତାଙ୍କ ଗୁହାରିକୁ କର୍ଣ୍ଣପାତ କରୁନଥିବାସେ କୋହଭରା କଣ୍ଠରେ କହିଛନ୍ତି ବୃଦ୍ଧା ଜଣକ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ଚିକିତ୍ସା ପାଇଁ ଔଷଧ କିଣିବା ପାଇଁ ପାଖରେ ଅର୍ଥ ନଥିବାରୁ ରୋଗଶଯ୍ୟାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ବିଲାଡ଼ି ମଲ୍ଲିକଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତ ।

## ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଦଣ୍ଡଥଳ ଲୋକକଳା ର ଭୂମିକା ଶିର୍ଷକ ଆଲୋଚନା ଚକ୍ର



କନ୍ଧମାଳ:(ମହାଭାରତ): ସକାଳ ୧୧ଘଟିକା ସମୟରେ ,ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପାବୁରିଆ ଗ୍ରାମ ପଞ୍ଚାୟତ ଠାରେ , ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଏବଂ ବି.ଏନ.ଆଇ. ବାଙ୍ଗାଲୋର ର ମିଳିତ ସହଯୋଗ ରେ ଟିକାବାଲି, କେ.ନୂଆଗାଁ ଏବଂ ଫିରିଙ୍ଗିଆ ବ୍ଲକ୍ ର ଦଣ୍ଡଥଳ ର ଅଧିକାରୀ, ପାଟଭୋକ୍ତା ଏବଂ ବୀଣାକାର ମାନଙ୍କୁ ନେଇ ଏକଦିବସୀୟ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ରେ ଦଣ୍ଡଥଳ ଲୋକକଳା ର ଭୂମିକା ଶୀର୍ଷକ ଆଲୋଚନା ଚକ୍ର ରେ ସ୍ୱାତୀ ଅନୁଷ୍ଠାନ ର ପ୍ରଦୀପ୍ ସ୍ୱାଇଁ, ଛବି ଏବଂ ଲେଖା ମାଧମ ରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ର ଲକ୍ଷ୍ୟ ,ଉଦ୍ଦେଶ୍ୟ , ମାନସିକ ରୋଗ ର ଲକ୍ଷଣ, ରୋଗ ପ୍ରତି ପରିବାର ଓ ସମାଜରେ ଥିବା ଭ୍ରାନ୍ତ ଧାରଣା , ଅସୁସ୍ଥ ବ୍ୟକ୍ତି ପ୍ରତି ରହୁଥିବା ଘୃଣା ଓ ଭେଦଭାବ , ଏବଂ ଚିକିତ୍ସା ବିଷୟ ରେ ପୁଂଙ୍ଖାନୁପୁଂଙ୍ଖ ଭାବରେ ସମସ୍ତ ଙ୍କୁ ଅବଗତ କରାଇଥିଲେ ।ଦଣ୍ଡଥଳ ର ମୁଖ୍ୟ ଭୂମିକା ରେ ଥିବା ଅଧିକାରୀ ଓ ବୀଣାକାର ମାନଙ୍କ ଭୂମିକା ଏବଂ ଦାଇତ୍ୱ ଉପରେ ଆଲୋଚନା କରାଯାଇ , କିଭଳି ଭାବରେ ରୋଗ ର ବିଭିନ୍ନ ଲକ୍ଷଣ, ଅନ୍ଧ ବିଶ୍ୱାସ, ଚିକିତ୍ସା, ନିୟମିତ ଓେଷଧ ସେବନ, ଯତ୍ନକାରୀ ଓ ପରିବାର ମାନଙ୍କ ଭୂମିକା ଏବଂ ସମାଜ ର ଭୂମିକା ଉପରେ ଗୀତଭାଙ୍ଗି ଦଣ୍ଡନାଚ ମାଧ୍ୟମ ରେ ଆଗାମୀ ଦିନରେ ହେବାକୁ ଯାଉଥିବା ପବିତ୍ର ଦଣ୍ଡଯାତ୍ରା ରେ ଜନସାଧାରଣ ମାନଙ୍କୁ ସଚେତନତା ବାର୍ତ୍ତା ଦିଆଯାଇ ପାରିବ , ସେ ବିଷୟରେ ସମସ୍ତେ ଆଲୋଚନା କରିଥିଲେ ଏବଂ ଏକମତ ହୋଇଥିଲେ ।

ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ କୁ ପ୍ରକଳ୍ପ ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ପରିଚ୍ଚଳନା କରିଥିବା ବେଳେ , ଆଇ.ଟି.ଡି.ଏ ବ୍ଲକ୍ ଜୀବନଜିବୀକା ବିଶେଷଜ୍ଞ ରୋହିମୁଦ୍ ନାୟକ ଉକ୍ତ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।ଆଲୋକ ସାମନ୍ତରାୟ, ଦୀପେଶ ମହାକୁଡ , ସ୍ୱଧର୍ମ ରାଉତ, ରାଧାନାଥ ପଣ୍ଡା , ଫିଲିମିନା ପ୍ରଧାନ ଏବଂ ଲିପିମା ଦିଗାଲ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରିଥିଲେ ।

## ପ୍ରଶାସନର ଚଢ଼ଉ: ଗୋଟିଏ ମିଲ ସିଲ୍



ମାଲକାନଗିରି: ମାଲକାନଗିରି ଜିଲ୍ଲାରେ ମଣ୍ଡି ସରିବା ପରେ ମିଲରମାନେ ଧାନ ଉଠାଇଛନ୍ତି । ତେବେ ଗତ କିଛି ଦିନ ତଳେ ଯୋଗାଣ ଓ ଖାଉଟି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଜିଲ୍ଲା ଗସ୍ତ ସମୟରେ ଜିଲ୍ଲାର ମଣ୍ଡିକୁ ନେଇ ମନ୍ତ୍ରୀ ସମୀକ୍ଷା କରିବା ପରେ ତୁରନ୍ତ ମିଲଗୁଡିକରେ କେତେ ଧାନ ରହିଛି ଏବଂ ଏସଓପି ପାଳନ କରାଯାଉଛି କି ନାହିଁ ସେନେଇ ଜିଲ୍ଲାପାଳଙ୍କୁ ତୁରନ୍ତ ଚଉ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମଧ ମନ୍ତ୍ରୀଙ୍କ ସମୀକ୍ଷା ପରେ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ଉପଜିଲ୍ଲାପାଳଙ୍କୁ ଏନେଇ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ,ଜିଲ୍ଲା ଯୋଗାଣ ଅଧିକାରୀ ମନମୋହନ ପଟନାୟକ ସମେତ ଅନ୍ୟ ଅଧିକାରୀମାନେ ଜିଲ୍ଲାର ତିନୋଟି ମିଲ ଉପରେ ଚଢାଉ କରିଥିଲେ । ତିନୋଟି ମିଲଗୁଡିକ ହେଲା ମହାବୀର ମିଲ,ତାରାତାରିଣୀ ମିଲ ଏବଂ ପୃଥିବୀ ମୋର୍ଡେନ ମିଲୟପୃଥିବୀ ମୋର୍ଡେନ ମିଲରେ କାଗଜପତ୍ର ଠିକ ନଥିବା,ଷ୍ଟକରେ ଗୋଳମାଳ ରହିଥିବା ତଦନ୍ତକାରୀ ଅଧିକାରୀମାନେ ଦେଖିଥିଲେୟ ତେଣୁ ଏହି ମିଲକୁ ସିଲ କରିଦିଆଯାଇଛି । ଏହା ରୁଟିନ ଚଢାଉ ବୋଲି ଉପଜିଲ୍ଲାପାଳ କହିଛନ୍ତି । ଆଗାମୀ ଦିନରେ ମଧ ଅନ୍ୟ ମିଲଗୁଡିକ ଅପରେ ଚଢାଉ ହେବ । ମଣ୍ଡିରୁ ଉଠାଉଥିବା ଧାନଗୁଡିକ ଠିକ ରୂପେ ଗଚ୍ଛିତ ହୋଇଛି କି ନାହିଁ, କାଗଜ ପତ୍ର ଠିକ ରୂପେ ଲେଖାଯାଇଛି କି ନାହିଁ ଏଥିସହ ଏସଓପିକୁ ପାଳନ କରାଯାଉଛି କି ନାହିଁ ସେସବୁ ଯା□ କରାଯାଉଥିବା ତଦନ୍ତ କାରୀ ଅଧିକାରୀ କହିଛନ୍ତି ।ତେବେ ପୃଥିବୀ ମୋର୍ଡେନ ମିଲରେ କାଗଜପତ୍ର ଠିକ ନଥିବା,ଷ୍ଟକରେ ଗୋଳମାଳ ରହିଥିବା ତଦନ୍ତକାରୀ ଅଧିକାରୀମାନେ ଦେଖିଥିଲେୟ ତେଣୁ ଏହି ମିଲକୁ ସିଲ କରିଦିଆଯାଇଛି ।ଏହା ରୁଟିନ ଚଢାଉ ବୋଲି ଉପଜିଲ୍ଲାପାଳ କହିଛନ୍ତି । ଆଗାମୀ ଦିନରେ ମଧ ଅନ୍ୟ ମିଲଗୁଡିକ ଅପରେ ଚଢାଉ ହେବୟ ମଣ୍ଡିରୁ ଉଠାଉଥିବା ଧାନଗୁଡିକ ଠିକ ରୂପେ ଗଚ୍ଛିତ ହୋଇଛି କି ନାହିଁ, କାଗଜ ପତ୍ର ଠିକ ରୂପେ ଲେଖାଯାଇଛି କି ନାହିଁ ଏଥିସହ ଏସଓପିକୁ ପାଳନ କରାଯାଉଛି କି ନାହିଁ ସେସବୁ ଯାଞ୍ଚ କରାଯାଉଥିବା ତଦନ୍ତ କାରୀ ଅଧିକାରୀ କହିଛନ୍ତି । ତେଣୁ ଏସବୁ ନଥିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ କହିଥିଲେୟ ତଦନ୍ତ ପରେ ଜିଲ୍ଲାପାଳଙ୍କୁ ସମସ୍ତ ରିପୋର୍ଟ ପ୍ରଦାନ କରାଯିବ ବୋଲି କୁହାଯାଇଛ ।

## ରଷିକୁଲ୍ୟା ମୁହାଁଣରେ ଦ୍ୱିତୀୟ ପର୍ଯ୍ୟାୟ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ



ଗଞ୍ଜାମ: ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା ମୁହାଁଣ ବେଳାଭୂମି ଅଂଚଳରେ ଏକ ମାସ ପରେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ବିରଳ ଅଲିଭ ରିଡଲେ ସାମୁଦ୍ରିକ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି । ଯାହାକୁ ନେଇ ପରିବେଶବିତଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି । ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନରେ ୩୮ ହଜାର ୭୭୯ ଓ ଦ୍ୱିତୀୟ ଦିନରେ ୩୯ ହଜାର ୫୨୧ମୋଟ ଦୁଇଦିନରେ ୭୮ ହଜାର ୩୦୦ କଇଁଛ ବେଳାଭୂମି ଉପରକୁ ଉଠି ଆସି ଗଣ ଅଣ୍ଡାଦାନ କରିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ସମୁଦ୍ରକୂଳ ନିକଟରେ ଅନେକ କଇଁଛ ପହଁରୁଥିବାରୁ ଆଉ କିଛିଦିନ ଗଣ ଅଣ୍ଡାଦନ ହେବାର ଆଶା କରାଯାଉଛି । ବନ ବିଭାଗ ପକ୍ଷରୁ କଇଁଛଙ୍କ ସୁରକ୍ଷାକୁ କଡାକଡ଼ି କରାଯାଇଥିବା ଜଣାପଡ଼ିଛି । ବିଶେଷକରି ପୋଡ଼ମପେଟାଠାରୁ ସିଦ୍ଧାନ୍ତ ନଗର ଓ ସମୁଦ୍ର ମୁହାଁଣଠାରୁ ପୁରୁଣାବନ୍ଧ ମା' ଗଙ୍ଗାଦେବୀ ସମ୍ମୁଖ ପର୍ଯ୍ୟନ୍ତ ବେଳାଭୂମିରେ ଅଣ୍ଡାଦାନ ହୋଇଥିବା ଦେଖିବାକୁ ମିଳିଛି । ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୬ଲକ୍ଷ ୯୮ ହଜାର ୭୧୮ କଇଁଛ ଗଣ ଅଣ୍ଡାଦାନ କରିଥିଲେ ।

## ଅଲଚିକି ଲିପିର ଉଦ୍ଭାବନ ଉପରେ ବୃତ୍ତଚିତ୍ର

ରାଇରଙ୍ଗପୁର: ସାନ୍ତାଳୀ ଭାଷା ଅଲଚିକି ଲିପିର ଶତବାର୍ଷିକ ପୂର୍ତ୍ତି ଉପଲକ୍ଷେ ଗୁରୁ ଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜୟନ୍ତୀ ତିଥିରେ ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟ ପକ୍ଷରୁ ପାଳିତ ହେବାକୁ ଯାଉଥିବା ଶତବାର୍ଷିକ ଉତ୍ସବରେ ପ୍ରଦର୍ଶିତ କରାଯିବା ଉଦ୍ଦେଶ୍ୟରେ ଟ୍ରଷ୍ଟ ପକ୍ଷରୁ ଏକ ବୃ□ଚିତ୍ର ବା ଡକ୍ୟୁମେଣ୍ଟ୍ରି ସିନେମାର ନିର୍ମାଣ ଆରମ୍ଭ ହୋଇଛି । ଅଲଚିକି ଲିପିର ସ୍ରଷ୍ଟା ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ୧୨୦ତମ ଜନ୍ମ ଜୟନ୍ତୀ ଅବସରରେ ସାନ୍ତାଳୀ ଭାଷା ଅଲଚିକି ଲିପିର ଶତ ବାର୍ଷିକ ମହା ଆଡମ୍ବର ସହକାରେ ପାଳନ କରାଯିବା ନେଇ ଟ୍ରଷ୍ଟ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଛିୟ ରାଇରଙ୍ଗପୁର ନିକଟସ୍ଥ ଦାଣ୍ଡବୋଷଠାରେ ମହା ସମାରୋହର ସହିତ ଅଲଚିକି ଲିପିର ଶତବାର୍ଷିକୀ ଉତ୍ସବ ପାଳନ ସମାରୋହରେ ପ୍ରଦର୍ଶିତ କରାଯିବା ଉଦ୍ଦେଶ୍ୟରେ ଅଲଚିକି ଲିପିର ଉଦ୍ଭାବନ ଉପରେ ଡକ୍ୟୁମେଣ୍ଟାରୀ ଫିଲ୍ମର ନିର୍ମାଣ ଆରମ୍ଭ ହୋଇଛି ।ଚଳଚ୍ଚିତ୍ରର ମୁଖ୍ୟ ବିଷୟ ହେଉଛି ଅଲଚିକି ଲିପି କିପରି ଉଦ୍ଭାବନ ତଥା ପ୍ରଚ୍ଚର ପ୍ରସାର ହୋଇଥିଲା ଏବଂ ଏନେଇ ଏହାର ଉଦ୍ଭାବକ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସଂଗ୍ରାମ ଉପରେ ଏକ ବୃ□ଚିତ୍ର/ ଡକ୍ୟୁମେଣ୍ଟ୍ରୀ ସିନେମା ନିର୍ମାଣ ଆରମ୍ଭ ହୋଇଛି । ପଣ୍ଡିତ ରଘୁନାଥ ମୁର୍ମୁଙ୍କ ବଡନାତି ତଥା ପଣ୍ଡିତ ରଘୁନାଥ ମୁର୍ମୁ ହେରିଟେଜ୍ ଟ୍ରଷ୍ଟର ଅଧକ୍ଷ ଚୁନିୟନ ରଘୁନ ମୁର୍ମୁଙ୍କ ତ୍ୱାବଧାନରେ ଏହି ବୃ□ଚିତ୍ର ନିର୍ମିତ ହେଉଥିବାବେଳେ ଏହି ସିନେମାର ନିର୍ଦ୍ଦେଶକ ରାମ ମୁର୍ମୁ,ସମ୍ପାଦକ ଅରମାନ ହାଁସଦାଃ,କ୍ୟାମେରା ମ୍ୟାନ ଅମିତ ଟୁଡୁ, ସୁକାନ୍ତ ହେମ୍ବ୍ରମ ଏବଂ ଚୈତନ ହାଁସଦାଃ ରହିଛନ୍ତି । ଏହି ସିନେମାର ପଟକଥା ଲେଖିକା ସଲମା ମୁର୍ମୁ ରହିଛନ୍ତି । ଆଦିବାସୀ ସାନ୍ତାଳୀ ପରମ୍ପରା ଏବଂ ରୀତିନୀତି ଅନୁଯାୟୀ ପୂଜାପାଠ କରାଯାଇ ସିନେମାର ସୁଟିଂ କାର୍ଯ୍ୟ ଆରମ୍ଭ କରାଯାଇଛି । ସିନେମାର ଶୁଭ ମୁହୁରତ ସମୟରେ ହେରିଟେଜ୍ ଟ୍ରଷ୍ଟର ଅଧକ୍ଷ ଚୁନିୟନ ରଘୁନ ମୁର୍ମୁଙ୍କ ସହିତ ଟ୍ରଷ୍ଟ ପ୍ରବନ୍ଧକ ଲକ୍ଷ୍ମଣ ମାର୍ଣ୍ଡି,ସାଧାରଣ ସଚିବ ମଦନ ମୋହନ ସୋରେନ୍, ସହ କୋଷାଧକ୍ଷା ସସ୍ମିତା ମୁର୍ମୁ,ଟ୍ରଷ୍ଟ ସଦସ୍ୟ ମାଝି ମୁର୍ମୁ, ସଞ୍ଜୁ ମୁର୍ମୁ ଏବଂ ସ୍ୱପ୍ନା ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ ।



### ରାଜସ୍ୱ ଓ ବିପର୍ଯ୍ୟୟ ପରିଚ୍ଛଳନା

## ମନ୍ତ୍ରୀଙ୍କ ବାଙ୍ଗରିପୋଷୀ ଓ ବିଶୋଇ ବ୍ଲକର କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ

ରାଇରଙ୍ଗପୁର (ମହାଭାରତ): ଆଜି ମାନ୍ୟବର ରାଜସ୍ୱ ଓବିପର୍ଯ୍ୟୟ ପରିଚ୍ଛଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ମୟୁରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଗତ ୨୦-୦୩-୨୦୨୫ ରିଖ ପ୍ରବଳ କୁଆପଥର ଝଡ଼ରେ କ୍ଷତିଗ୍ରସ୍ତ ହୋଇଥିବା ବାଙ୍ଗରିପୋଷୀ ବ୍ଲକର ସୋରାସପୋଷି, ହାଣଦା, ମହୁଲବରେଇ, ସିଲପୁଞ୍ଜି, ମଣଦା ଆଦି ଗାଁ ଏବଂ ବିଶୋଇ ବ୍ଲକର ଖ ଡ ମ ବେ ଡ । , ପୁଣ୍ଡିଦା,କେଶରଗଡିଆ,ସାରସପଡା, ମୃକ୍ଷାମାରି, ଯୋଡ଼ିଆ ଇତ୍ୟାଦି କ୍ଷତିଗ୍ରସ୍ତ ଅଂଚଳ ପରିଦର୍ଶନ କରି ସେଦିନ ପ୍ରକୃତିର ଏହି ତାଣ୍ଡବ ଲୀଳା କେତେଯେ ଭୟଙ୍କର ଥିଲା ତାହା ବର୍ତମାନ ପରିସ୍ଥିତିରୁ ଅନୁମେୟ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଏହି ଅଭାବନୀୟ ପରିସ୍ଥିତିର ନିରୀକ୍ଷଣ ଅବସରରେ ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ସହ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣ ଚନ୍ଦ୍ର ମହାପାତ୍ର, ଜଙ୍ଗଲ ପରିବେଶ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂଖୁଣ୍ଟିଆ,ବିଧାୟକ ସାରସକଣା ଶ୍ରୀ ଭାଦବ ହାଁସଦା, ବିଧାୟକ କରଞ୍ଜିଆ ଶ୍ରୀ ପଦ୍ମ ଚରଣ ହାଇବୁରୁ,ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ,ବିଧାୟିକା ବାଙ୍ଗରିପୋଷୀ ସଂଞ୍ଜଲି ମୁର୍ମୁଙ୍କ ସହ ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁ□ପାଲ୍ଲୀ,ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବିଭୁତି ଭୂଷଣ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଭାତ କୁମାର ବେହେରା,ଜିଲ୍ଲାପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଈଶ୍ୱର ଚନ୍ଦ୍ର ନାଏକ, ରାଇରଙ୍ଗପୁର ଉପଜିଲ୍ଲାପାଳ ଶ୍ରୀ ସୌମ୍ୟ ରଞ୍ଜନ ପ୍ରଧାନ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା,ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ରାମ ଚନ୍ଦ୍ର ସୋରେନ,ଶ୍ରୀ କାନ୍ଦ୍ରା ସୋରେନ ଏବଂ ବିଭିନ୍ନ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଏହି ପ୍ରାକୃତିକ ଦୁର୍ଯୋଗର ଶିକାର ହୋଇଥିବା ଗରିବ ଲୋକଙ୍କୁ ଭେଟି ମନ୍ତ୍ରୀ ଏହି ଦୁର୍ଦଶା ପାଇଁ ସେମାନଙ୍କୁ ସମବେଦନା ଜଣାଇବା ସହିତ ପ୍ରଶାସନ ତରଫରୁ ଆବଶ୍ୟକ ସରକାରୀ ସହାୟତା ଯଥା ପଲିଥିନ, ଶୁଖିଲା ଖାଦ୍ୟ, ରନ୍ଧା ଖାଦ୍ୟ ଶିଶୁ ଖାଦ୍ୟ, ପିଇବା ପାଣି, ଔଷଧ ଇତ୍ୟାଦି ମିଳିଛି କି ନାହିଁ ପଚ୍ଚରି ବୁଝିଥିଲେ ଏବଂ ସୁହାନୁଭୂତି ପ୍ରଦର୍ଶନ ପୂର୍ବକ ବର୍ତମାନ ପରିସ୍ଥିତି ରେ ଧର୍ଯ୍ୟହରା ନହେବା ପାଇଁ ଆଶ୍ୱାସନା ଦେଇଥିଲେୟ ଲୋକମାନଙ୍କ ଏହି ଦୁଃଖଦ ପରିସ୍ଥିତି ପାଇଁ ସରକାର ସମ୍ପୂର୍ଣ୍ଣ ସମ୍ବେଦନଶୀଳ ଅଛନ୍ତି ଏବଂ ସରକାରଙ୍କ ତରଫରୁ ସମସ୍ତ ପ୍ରକାର ସରକାରୀ ସହାୟତା ତଥା କ୍ଷତିପୂରଣ ଖୁବ ଶୀଘ୍ର ପ୍ରଦାନ କରାଯିବ ବୋଲି ପ୍ରଭାବିତ ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ । ପରିସ୍ଥିତିର ଗମ୍ଭୀରତା ଦୃଷ୍ଟିରୁ ଘର ମରାମତି ସର୍ବପ୍ରଥମ ଆବଶ୍ୟକତା ଥିବାରୁ ପ୍ରାଥମିକତା ଭି□ରେ ଏ ବାବଦ ରେ କ୍ଷତିପୂରଣ ରାଶି ତୁରନ୍ତ ଡି ବି ଟି ଜରିଆରେ ବ୍ୟାଙ୍କ ଖାତାରେ ପ୍ରଦାନ କରାଯିବୟ ଅନ୍ୟାନ୍ୟ ବାବଦ ରେ କ୍ଷତି ପୂରଣ ପର୍ଯ୍ୟାୟ କ୍ରମେ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିବା ସହିତ କୌଣସି କ୍ଷତି ଗ୍ରସ୍ତ ଲୋକ ଯେମିତି କ୍ଷତି ପୂରଣ ପାଇବାରୁ ବାଦ ନ ପଡନ୍ତି ସେଥି ପ୍ରତି ସମ୍ପୂର୍ଣ୍ଣ ଧ୍ୟାନ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ।

ଏତଦ ବ୍ୟତୀତ ସ୍ଥିତି ସ୍ୱାଭାବିକ ହେବା ପର୍ଯ୍ୟନ୍ତ ପ୍ରଭାବିତ ଲୋକମାନେ ରହିଁଲେ ଶେଲଟର ସେ□ରରେ ରହି ପାରିବେ ଏବଂ ସମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯିବ ।

## ଓଡ଼ିଶା ବ୍ରାହ୍ମଣ ମହାସଙ୍ଘର ସାଧାରଣ ସଭା

ବାଣପୁର : ( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ବାଣପୁର ସ୍ଥିତ ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଓଡିଶା ବ୍ରାହ୍ମଣ ମହାସଙ୍ଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ଦୁଃଶାସନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମହାସଂଘର ନାରୀ ସଭାନେତ୍ରୀ ସଂଘଶକ୍ତି ପ୍ରଜ୍ଞା,ଜିଲ୍ଲା ସଭାପତି ସୀମାଞ୍ଚଳ ଦାଶ, ଉପଦେଷ୍ଟା କମଳ ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ । ସଭାପତି ଶ୍ରୀଯୁକ୍ତ ଶତପଥୀ ସର୍ବ ପ୍ରଥମେ ପ୍ରଭୁ ପର୍ଶୁରାମଙ୍କୁ ପୂଜା ଅର୍ଚ୍ଚନା କରିବା ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା କ୍ଷ ଅତିଥି ମାନେ ସନାତନ ଧର୍ମକୁ ସୁଦୃଢ କରିବା ପାଇଁ ଉପସ୍ଥିତ ସଭ୍ୟ ମାନଙ୍କୁ ପରାମର୍ଶ ଦେଇ ଏବଂ ସନାତନ ଧର୍ମ ହିଁ ସବୁଠାରୁ ଉଚ୍ଚକୋଟିର ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ସମାଜରେ ଚାଲିଥିବା ସରଂକ୍ଷଣ ବ୍ୟବସ୍ଥାବିରୋଧ କରିବା ସହ ଗୋ ସମ୍ପଦର ସୁରକ୍ଷାକୁ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ବୈଠକରେ ସ୍ଥିର ହୋଇଥିଲା । ବୈଠକରେ ଉପସ୍ଥିତ ୧୨୦ ଜଣ ବ୍ରାହ୍ମଣ ସଦସ୍ୟ ଯୋଗ ଦେଇଥିବା ବେଳେ ପ୍ରସ୍ତାବ ଗୁଡିକୁ ସମୂହ ସମର୍ଥନ ପ୍ରଦାନ କରିଥିଲେ । ସଂଘ ତରଫରୁ ପଣ୍ଡିତ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ଉପଦେଷ୍ଟା କମଳ ପ୍ରସାଦ ଦାଶ ପଣ୍ଡିତ ମାନଙ୍କୁ ଧନ୍ୟବାଦଅର୍ପଣ କରିଥିଲେ ।

## ପୁଣି ଥରେ ପାରାଦୀପ ବିଜେପିର ମଙ୍ଗ ଧରିଲେ ସୁବ୍ରତ



ପାରାଦୀପ (ମହାଭାରତ): ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ପ୍ରତାପ ମିଶ୍ର ଓ ପାରାଦୀପ ବିଧାୟକ ତଥା ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ ଙ୍କ ଅନୁମୋଦନ କ୍ରମେ ଶନିବାର ଦିନ ବିଜେପି ପାରାଦୀପ ମଣ୍ଡଳ ର ସଭାପତି ଭାବେ ପୁନର୍ବାର ସୁବ୍ରତ ପ୍ରଧାନ ଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ସହ ନୂତନ ମଣ୍ଡଳ କମିଟି ଘୋଷଣା କରାଯାଇଛି । ଏହି କ୍ରମରେ ପାରାଦୀପ ମଣ୍ଡଳ ସଭାପତି ଭାବେ ସୁବ୍ରତ ପ୍ରଧାନ, ଉପସଭାପତି ଅର୍ଜିଲା ଶିବା, ଦିଲ୍ଲିପ କିଶୋର ବେହେରା, ଶିଶିର ନାୟକ, ସର୍ବେଶ୍ୱର ଜେନା, ନନ୍ଦିନୀ ପରିଡା, କଳ୍ପନା ଦାସ, ସାଧାରଣ ସମ୍ପାଦକ କାଯିଟି ସୋଲମୋନ ରାଜୁ, ବଜରଙ୍ଗ ସ୍ୱାଇଁ, ସମ୍ପାଦକ ବିଷ୍ଣୁ ଚୌଧୁରୀ, ଜିତେନ୍ଦ୍ର ସାହୁ, ମନୋରଞ୍ଜନ ସାହୁ, ହୃଷିକେଶ ଦାସ, ମିନାକ୍ଷୀ ବେହେରା, ବିଜୟଲକ୍ଷ୍ମୀ ପରିଜା, କୋଷାଧକ୍ଷା ମାମୁନି ଜେନା,ଯୁବମୋର୍ଚ୍ଚା ସଭାପତି ଭାବେ ଦିଲ୍ଲିପ ବଳିଆରସିଂ, ମହିଳାମୋର୍ଚ୍ଚା ସଭାନେତ୍ରୀ ପ୍ରୀତିରେଖା ମାଭା, ଏସଟି ମୋର୍ଚ୍ଚା ସଭାପତି ଶ୍ରୀଧର ଛାତର, ଏସସି ମୋର୍ଚ୍ଚା ସଭାପତି ରଞ୍ଜନ ବେହେରା, ଓବିସି ମୋର୍ଚ୍ଚା ସଭାପତି ଗୌରାଙ୍ଗ ମଣ୍ଡଳ ଓ ସଂଖ୍ୟାଲଘୁ ସେଲ ର ସଭାପତି ଅବଦୁଲ ଅନିଶ ଖାନ ଙ୍କ ନାମ ଘୋଷଣା କରାଯାଇଛି ।

## ପିଡିଏସ୍ ଚାଉଳ ବାଣ୍ଟିବା ବେଳେ ହୃଦଘାତରେ ଡିଲରଙ୍କ ମୃତ୍ୟୁ

ଅସ୍ତରଙ୍ଗ(ମହାଭାରତ) :ଅସ୍ତରଙ୍ଗ ବ୍ଲକ ଝାଡଲିଙ୍ଗ ପଞ୍ଚାୟତ ବାହୁଡିଅ ଡିଲର ନୀଳମଣି ବିଶ୍ୱାଳ(୭୦)ଙ୍କର ହୃଦଘାତରେ ମୃତ୍ୟୁ ହୋଇଛି ସେ ହିତାଧିକାରୀଙ୍କୁ ପିଡିଏସ୍ ଚାଉଳ ବାଣ୍ଟିବା ବେଳେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରି ସଂଜ୍ଞାହୀନ ହୋଇଯାଇଥିଲେ ତାଙ୍କୁ ଚିକିତ୍ସା ପାଇଁ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ସ୍ଥାନୀୟ ଶଶ୍ମାନରେ ତାଙ୍କର ଅନ୍ତିମ ସଂସ୍କାର ହେବା ବେଳେ ବଡ ପୁଅ କପିଳେନ୍ଦ୍ର ବିଶ୍ୱାଳ ମୁଖାଗ୍ନି ଦେଇଥିଲେ ଅସ୍ତରଙ୍ଗ ବ୍ଲକର ସମସ୍ତ ଡିଲର/ରିଟେଲର୍ ମଧ୍ୟରେ ନୀଳମଣି ସବୁଠାରୁ ବୟୋଜ୍ୟେଷ୍ଠ ଥିଲେ ତାଙ୍କ ମୃତ୍ୟୁ ଖବର ଶୁଣି ଡିଲରଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି ମୃତ୍ୟୁ ଖବର ଶୁଣି ଝାଡଲିଙ୍ଗ ପ□ାୟତ ସରପ□ ବୃନ୍ଦାବନ ନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ଶୋକସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଥିଲେ ।

## ବିଦେଶୀ ମଦ ଦୋକାନ ଲୁଟ ଗ୍ୟାଙ୍ଗକୁ ବାନ୍ଧିଲା ପୁଲିସ

# କାର୍ ସମେତ ୧ ଲକ୍ଷ ୭୫ ହଜାର ଟଙ୍କା ଜବତ, ୫ ଗିରଫ



ଭଞ୍ଜନଗର,(ମହାଭାରତ) : ଏକ ଆନ୍ତଜିଲ୍ଲା ଲୁଟେରା ଗ୍ୟାଙ୍ଗର ୫ଜଣକୁ ଭଞ୍ଜନଗର ପୁଲିସ ଧରିବାରେ ସଫଳ ହୋଇଛି। ଏହି ଦୁର୍ବୃ□ମାନେ ବିଭିନ୍ନ ସ୍ଥାନରେ ଥିବା ବିଦେଶୀ ମଦ ଦୋକାନକୁ ଟାର୍ଗେଟ କରି ରାତ୍ର ସମୟରେ ଲୁଟ କରୁଥିଲେ। ଗଞ୍ଜାମ ଜିଲ୍ଲା ଭଞ୍ଜନଗର ସମେତ ଦୁର୍ବୃ□ମାନେ ରମ୍ଭା, ଛତ୍ରପୁର, ବେଗୁନିଆପଡ଼ା,ଗଞ୍ଜାମ ରେ ଗୋଟିଏ ପରେ ଗୋଟିଏ ମଦ ଦୋକାନରୁ ଚୋରି କରିଥିବା ଅଭିଯୋଗ ହୋଇଛି। ଏହି ଚୋର ଗ୍ୟାଙ୍ଗ ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ଥିଲା। ବାରମ୍ବାର ଚୋରି ଯୋଗୁ ବିଭିନ୍ନ ଥାନାର ଅଧିକାରୀଙ୍କୁ ନେଇ ଗଞ୍ଜାମ ଏସ୍ପି ଶୁଭେନ୍ଦୁ କୁମାର ପାତ୍ର ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ଏକାଧିକ ଟିମ୍ ଗଠନ କରିଥିଲେ। ଗତ ୮ ତାରିଖରେ ଦୁର୍ବୃ□ମାନେ ଭଞ୍ଜନଗର-ବାଉଁଶଲୁଣ୍ଡି ମୁଖ୍ୟ ସଡ଼କରେ ଥିବା ଏକ ବିଦେଶୀ ମଦ ଦୋକାନରୁ ଚୋରି କରିଥିଲେ। ଦୁର୍ବୃତ୍ତ□ମାନେ ୨ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସମେତ ଅନ୍ୟାନ୍ୟ ଜିନିଷ ଚୋରି କରି ନେଇଥିଲେ। ଦୋକାନ ମାଲିକ ମନୋଜ ସାହୁ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେୟ ଥାନାଧିକାରୀ ଜୀବନାନନ୍ଦ ଜେନା ଘଟଣାକୁ ଗୁରୁତର ସହ ନେଇ କେସ ନଂ ୨୩୯/୨୫ରେ ଏକ ମାମଲା ରୁଜୁ କରି ଏସଆଇ ସମୀର କୁମାର ସେଠୀ, ଲକ୍ଷ୍ମୀଧର ମହାନ୍ତି,କନେଷ୍ଟବଳ କେ.ପି ରେଡ଼ି, ଗଜେନ୍ଦ୍ର ସ୍ୱାଇଁ ଓ ସନ୍ତୋଷ ନାୟକଙ୍କୁ ନେଇ ସ୍ୱତନ୍ତ୍ର ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ। ପୁଲିସ୍ ସିସିଟିଭି ଫୁଟେଜ ଓ ବୈଷୟିକ ଜ୍ଞାନକୌଶଳକୁ ଆଧାର କରି ରବିବାର ୫ ଜଣକୁ ଗିରଫ କରିବାରେ ସକ୍ଷମ ହୋଇଛି। ତଦନ୍ତ ପରେ ଅଭିଯୁକ୍ତ ମାନେ ଛତ୍ରପୁର, ରମ୍ଭା,ଗଞ୍ଜାମ, ବେଗୁନିଆପଡା ବିଦେଶୀ ମଦ ଦୋକାନରୁ ଚୋରି ଘଟଣାରେ ସାମିଲ ଥିବା ସ୍ୱୀକାର କରିଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ହିଞ୍ଜିଳି ଥାନା ବୁରୁପଡାର ବବୁଲୁ ଦଳାଇ, ପୁରୁଷୋ□ମପୁର ଥାନା ଭାଟକୁମାରଡ଼ାର ରଞ୍ଜନ ରାଉଳ, ବୁଗୁଡ଼ା ଥାନା ଅରଖପୁରର ଅରୁଣ ନାୟକ, ଅଜୟ ନାୟକ ଓ ଚିତ୍ରସେନ ଜେନା। ଏଥିସହ ସେମାନଙ୍କଠାରୁ ଗୋଟିଏ କାର ଗାଡ଼ି,ଲୁଟରେ ବ୍ୟବହୃତ ଶାବଳ ସମେତ ଏକ ଲକ୍ଷ ୭୫ ହଜାର ଟଙ୍କା ଜବତ କରାଯାଇଛି। ରବିବାର ଭଞ୍ଜନଗର ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଥାନାର ପ୍ରୋବେସନାର ଆଇପିଏସ୍ ଅଧିକାରୀ ମନୀଷା ସୁଗୁନ ଅଭିଯୁକ୍ତମାନଙ୍କ ଗିରଫ କରାଯିବା ସମ୍ପର୍କରେ ସୂଚନା ଦେଇଥିଲେ। ଅଭିଯୁକ୍ତ ମାନଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ମାମଲା ଥିବା ବେଳେ ଅଧିକ ତଦନ୍ତ ଜାରି ରହିଥିବା ଏସଡିପିଓ ସୁଜିତ କୁମାର ନାୟକ କହିଛନ୍ତି। ଥାନାଧିକାରୀ ଜୀବନାନନ୍ଦ ଜେନା, ଗଞ୍ଜାମ ଥାନା ଅଧିକାରିଣୀ ସୁମିତ୍ରା ପାତ୍ର, ଏସ୍ଆଇ ସମୀର କୁମାର ସେଠୀ, ଲକ୍ଷ୍ମୀଧର ମହାନ୍ତି, ଲିପିନା ବିଶ୍ୱାଳ,ବିଦେଶୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପାଇପ ଲାଇନ ଟ୍ରାକ୍ଟର ଗାଡ଼ି ଦୁର୍ଘଟଣା,ଜଣେ ମୃତ



ଦେବଗଡ଼ (ମହାଭାରତ) ରବିବାର ରାତି ୮ଘଟିକା ସମୟରେ ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ , ବାହାଡ଼ା ପଶି ଫ୍ଲାଇଓଭର ଜାତୀୟ୪୯ନମ୍ବର ରାଜପଥ ରେ ଘଟିଛି ଦୁର୍ଘଟଣା। ସୂଚନା ଅନୁଯାୟୀ ଓ ଡି ୨୮ଇ ୧୨୧୪ ଟ୍ରାକ୍ଟର ଗାଡ଼ି ଷ୍ପବଷ୍ପବ କମ୍ପାନୀ ଝଙ୍କୁକ୍ଷଷ୍ପବଷ୍ପ ର ପାଇପ ଲୋଡ କରି କଳା ପଟୁ ବାରକୋଟ ଅଭି ମୁଖେ ଯାଉଥିବା ବେଳେ ବାହାଡ଼ା ପଶି ଛକ ଫ୍ଲାଇଓଭର ଠାରେ ହଠାତ ଏକ କଣ୍ଟେନର ଗାଡ଼ି ନମ୍ବର ଘଖ ୦୧ ଇଇ ୧୯୩୧ ଗାଡ଼ି ଟି ଟ୍ରାକ୍ଟର କୁ ପଛପଟୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ଟ୍ରାକ୍ଟର ରେ ବସିଥିବା ଜଣକର ମୃତ୍ୟୁ ଘଟିଛି ଏବଂ ଆଉ ଜଣେ ଗାଡିରୁ ଛିଟିକି ହୋଇ ଫ୍ଲାଇଓଭର ତଳକୁ ପଡ଼ିଥିଲା ।ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୁଗେ ବାରକୋଟ ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନିଆ ଯାଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠା ଇଦିଆଯଆଇଛି। ମୃତକ ବ୍ୟକ୍ତି ଏବଂ ଗୁରୁତର ଥିବା ବ୍ୟକ୍ତି ର ପରିଚୟ ଖବର ଲେଖିବା ପର୍ଯନ୍ତ୍ ମିଳିପାରିନାହିଁ। ଘଟଣା ସ୍ଥଳରେ ସ୍ଥାନୀୟ ଲୋକଙ୍କ ଉ□ଜନା ଯୋଗୁଁ , ଦୀର୍ଘ ଦୁଇ ଘଣ୍ଟା ଧରି ରାସ୍ତା ରୋକ୍ ହୋଇଥିଲା। ,ବାରକୋଟ ପୋଲିସ ବିଳମ୍ବରେ ପହଂଚି ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ରୋକ୍ ହଟିଥିଲା। ପରେ ମୃତ ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ ଓ ପରିଚୟ ମିଳିବାପରେ ଶବ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି।

## ବାଲିଗୁଡା ନବଜାତ ଶିଶୁ ଚିକିତ୍ସା କେନ୍ଦ୍ରରେ ତିନି ଦିନ ହେବ ଲାଗିରହିଥିଲା ପାଣି ସମସ୍ୟା

# ଖବର ପ୍ରସାରଣ ପରେ ସମସ୍ୟାର ହେଲା ସମାଧାନ

କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଘୋର ଅବ୍ୟବସ୍ଥା । ସ୍ୱତନ୍ତ୍ର ନବଜାତ ଶିଶୁ ଚିକିତ୍ସା କେନ୍ଦ୍ରରେ ତିନି ଦିନ ହେଲାଣି ମିଳୁନଥିଲା ପାଣି । ଫଳରେ ପାଣି ପାଇଁ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ ପ୍ରସୂତି ମହିଳା । ପ୍ରସୂତିଙ୍କ ସମ୍ପର୍କୀୟ ଦୁଇ ମହଲା କୋଠାର ଉ ତଳକୁ ଓହ୍ଲାଇ ପାଣି ନେଇ ଯାଉଥିବା ଦେଖିବାକୁ ମିଳିଥିଲା । ସେପଟେ ପାଣିର ଏସ୍.ଏନ୍.ସି.ୟୁ ୱାର୍ଡ ରେ ପାଣିର ବ୍ୟବସ୍ଥା କରିବା ପାଇଁ ୱାର୍ଡ ଦାୟିତ୍ୱରେ ଥିବା ସେବିକା ମାନଙ୍କୁ ବାରମ୍ବାର ନିବେଦନ କଲା ପରେ ବି ସମସ୍ୟାର କୌଣସି ସମାଧାନ ହୋଇପାରିନଥିବା ବେଳେ ଡାକ୍ତରଖାନା କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନଥିବା ଅଭିଯୋଗ କରିଥିଲେ ପ୍ରସୂତି ଓ ସମ୍ପର୍କୀୟ । ଅନ୍ୟପଟେ ଉପଖଣ୍ଡ ଚିକିତ୍ସାଳୟରେ ପ୍ରସୂତି ବିଶେଷଜ୍ଞ ନଥିବା ବେଳେ ଡ଼ାକ୍ତରଖାନାର ସୁପରିଟେଣ୍ଡେଣ୍ଟ୍ ଶ୍ରବଣ ସାହୁକାର ଅଧିକାଂଶ ସମୟରେ ଛୁଟିରେ ରହୁଥିବାରୁ ଡାକ୍ତରଖାନାରେ ବୀଭିନ୍ନ ସମସ୍ୟା ଉପୁଜୁଥିବା ସାଧାରଣରେ ଆଲୋଚନା ହେଉଛି । ଖବରପାଇ ଗଣମାଧ୍ୟମ ପ୍ରତିନିଧି ପହଁଚିଥିଲେ ଡାକ୍ତରଖାନାରେ । ପରବର୍ତ୍ତୀ ସମୟରେ ଏନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ କୁମାର ପାଢ଼ୀଙ୍କ ଏନେଇ ଆଲୋଚନା କରିବା ପରେ ସମସ୍ୟାର ସମାଧାନ ହୋଇଥିଲା । ସାମ୍ବାଦିକଙ୍କ ହସ୍ତକ୍ଷେପ ପରେ ପାଣି ସମସ୍ୟା ଦୂର ହୋଇଥିବାରୁ ଗଣମାଧ୍ୟମ ଧନ୍ୟବାଦ୍ ଜଣାଇଛନ୍ତି ପ୍ରସୂତି ଓ ସମ୍ପର୍କୀୟ ।

## ଘର ହିଁ ବିଦ୍ୟାଳୟ ପ୍ରକଳ୍ପ

କୋରାପୁଟ ଜିଲ୍ଲା ଜୟପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶାରଦା ବିହାର ଜୟପୁର ଠାରେ ଆଜି ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହୋଇସାରିଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅରବିନ୍ଦ ନଗର ପରିଚାଳନା ସମିତି ର କଷାଧକ୍ଷ ମାନନୀୟ ଶ୍ରୀ ମିହିର ମିଶ୍ର ଉପସ୍ଥିତ ରହିବା ସହ ସ୍ଥାନୀୟ ବିଦ୍ୟାଳୟ ପରିଚାଳନା ସମିତି ର ଯୁଗ୍ମ ସମ୍ପାଦକ ମାନନୀୟ ଶ୍ରୀ ତପନ କିରଣ ତ୍ରିପାଠୀ, ସଦସ୍ୟା ମାନନୀୟୟ ଶ୍ରୀମତୀ ସୁସ୍ମିତା ଦାସ ଏବଂ ସହ ପ୍ରଧାନ ଆର୍ଚ୍ଚର୍ଯ୍ୟ ମାନନୀୟ ଶ୍ରୀ ଦିଲୀପ କୁମାର ଶତପଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମଟି କୁ ଆଗେଇନେବାରେ ପୂର୍ଣ୍ଣ ସହଯୋଗ କରିଥିଲେ । ଶିଶୁର ସୁସ୍ଥ ଶରୀର ଗଠନ ଦିଗରେ ତାହାର କିଭଳି ଯତ୍ନ ନେବା ଦରକାର



, ତାହାର ଖାଦ୍ୟ ତଥା ସମସ୍ତ ଦିଗରେ କିଭଳି ଦୃଷ୍ଟି ଦେବା ଆବଶ୍ୟକ ସେ ସମ୍ପର୍କରେ ମୁଖ୍ୟ ଅତିଥି ମହାଶୟ ଉପସ୍ଥାପନ କରିବା ସହ ଚଞ୍ଚଳ ମନ କୁ କିଭଳି ଶିଶୁର ଏକାଗ୍ର ଚିତ୍ତ କରିହେବ ଏବଂ ସୁସ୍ଥ ରହିବା ପାଇଁ କିଭଳି ଖେଳ ଖେଳିବା ଉଚିତ ସେ ସମ୍ପର୍କରେ ଶିଶୁ ସହ ଉଭୟ ପିତାମାତାଙ୍କୁ ପ୍ରାୟୋଗିକ କୟଳାଂଶ ମାଧ୍ୟମରେ ଶିଶୁ ବାଟିକା ବିଭାଗର ଗୁରୁମାମାନେ ଧାରଣା ଦେଇଥିଲେ।ପରିଶେଷରେ ଶାନ୍ତିପାଠ କରି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିସମାପ୍ତି କରାଯାଇଥିଲା । କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିବା ଦିଗରେ ସମସ୍ତ ଗୁରୁଜୀ ଗୁରୁମାନେ ତଥା ସେବକ ସେବିକା ପୂର୍ଣ୍ଣ ସହଯୋଗ କରିଥିଲେ ।

## ପାରାଦୀପ ମହାବିଦ୍ୟାଳୟ ଏନସିସି ପକ୍ଷରୁ ସହିଦ ଦିବସ ପାଳିତ



ପାରାଦୀପ – ପ୍ରତିବର୍ଷ ମାର୍ଚ୍ଚ ୨୩ ତାରିଖରେ ସମଗ୍ର ଦେଶରେ ସହିଦ ଦିବସ ପାଳିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ରବିବାର ସକାଳ ସମୟରେ ପାରାଦୀପ ମହାବିଦ୍ୟାଳୟ ପରିସର ରେ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନସିସି) ଓ ମହାବିଦ୍ୟାଳୟ ଏନ୍ ସି ସି ଆଲୁମ୍ନୀ ଆସୋସିଏସନ୍ ପକ୍ଷରୁ ସହିଦ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍. ସୋଢ଼ୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ, ସହିଦ ଦିବସ ର ସ୍ମୃତି ଚାରଣ କରିଥିଲେ। ଅନ୍ୟତମ ଅତିଥି ଭାବେ କ୍ୟାପଟେନ ସୂର୍ଯ୍ୟେନ୍ଦୁ ପାଣିଗ୍ରାହୀ ଏକ ଭାବାତ୍ମକ ବାର୍ତ୍ତା ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ର ଅଧକ୍ଷା ଡକ୍ଟର ସସ୍ମିତା ଶତପଥୀ ଭାରତ ମାତା ର ବରପୁତ୍ର ସହିଦ ଭଗତ ସିଂ, ଶିବରାମ ରାଜଗୁରୁ ଓ ଶୁକଦେବ ଥାପର ମାନଙ୍କର ବଳିଦାନ ସମ୍ପର୍କରେ ଆଲୋଚନା କରିଥିଲେ । ବରିଷ୍ଠ ଅଧ୍ୟାପକ ଗଣେଶ୍ୱର ପାତ୍ର ଦିବସ ର ମହତ୍ ବିଷୟରେ କିଛି ତଥ୍ୟ ଉପସ୍ଥାପନା କରିଥିଲେ ।ଏହି ସମସ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ମହାବିଦ୍ୟାଳୟ ର ଏନ୍ ସି ସି ଅଧିକାରୀ ଲେଫ୍ଟନା□ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ପୁରାତନ କ୍ୟାଡେଟ, ବର୍ତ୍ତମାନର କ୍ୟାଡେଟ ଓ ମହାବିଦ୍ୟାଳୟ ର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଯୋଗ ଦେଇଥିଲେ । ଶେଷରେ ଅଲୁମ୍ନି ଆସୋସିଏସନ୍ ର ସଭାପତି ଶ୍ରୀ ଅମ୍ବିକା ପ୍ରସାଦ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ଜନତାଙ୍କ ସ୍ୱାର୍ଥରେ ଲଢେଇ ସାମ୍ବାଦିକଙ୍କ ପ୍ରାଥମିକତା

## ଉଦଳା ୟୁନିକ୍ ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ



ଉଦଳା ( ମହାଭାରତ ) – ଉଦଳା ୟୁନିକ ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଉଦଳା-କପ୍ତିପଦା ରାଜ୍ୟ ରାଜପଥରେ ଥିବା ଆଶୀର୍ବାଦ ଧର୍ମଶାଳାରେ ଆୟୋଜିତ ଏକ ବୈଠକରେ ଉଦଳା ୟୁନିକ୍ ପ୍ରେସ୍ କ୍ଲବର କର୍ମକର୍ତ୍ତା ଚୟନ କରାଯାଇଛି । ରବିବାର ଅପରାହ୍ନ ୪ ଟାରେ ଆୟୋଜିତ ଏହି ବୈଠକରେ ଉଦଳା ଏନଏସି ଏବଂ ବ୍ଲକ ଅଂଚଳରେ କାର୍ଯ୍ୟରତ ସାମ୍ବାଦିକମାନେ ଉପସ୍ଥିତ ରହିଥିଲେ । ବରିଷ୍ଠ ସାମ୍ବାଦିକ ଦିନବନ୍ଧୁ ବାରିକ, ସନ୍ତୋଷ କୁମାର ବାଛିନୀ, ଶଶିକାନ୍ତ ମିଶ୍ର ପ୍ରମୁଖ ମଂଚାସୀନ ହୋଇଥିବା ବେଳେ ଦିଲ୍ଲିପ କୁମାର କଲିଆ ସଭାପତିତ୍ୱ କରିଥିଲେ ।ଏହି ଅବସରରେ ଉଦଳା ଅଂଚଳରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକମାନେ ଉପସ୍ଥିତ ରହିଥିଲେ । ପ୍ରଥମେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଏବଂ ସାମ୍ବାଦିକତାକୁ ନେଇ ମଂଚାସୀନ ଅତିଥିମାନେ ଆଲୋଚନା କରିଥିଲେ । ଏହା ପରେ ଉଦଳା ୟୁନିକ୍ ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ବରିଷ୍ଠ ସାମ୍ବାଦିକ ଦିନବନ୍ଧୁ ବାରିକ, ଉପସଭାପତି କୃଷ୍ଣଚୈତନ୍ୟ ସଦୁଆଳ, ସମ୍ପାଦକ ଦିଲ୍ଲିପ କୁମାର କଲିଆ, ସହ ସମ୍ପାଦକ ମାନସ କୁମାର ପାଣି, କୋଷାଧକ୍ଷ ଭାବେ ଶଶିକାନ୍ତ ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା । ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ବାଛିନୀ, ସର୍ବେଶ୍ୱର ମହାପାତ୍ର, ଦୀପକ କୁମାର ପରିଡା, ଅତନୁ ତ୍ରିପାଠୀ, ଶୁଭାଶିଷ ପତି ଏବଂ ସନ୍ଦୀପ ମହାନ୍ତିଙ୍କୁ ଚୟନ କରାଯାଇଛି । ଏହା ସହିତ ସଂଘର ସୋସିଆଲ ମିଡିଆ ସଂଯୋଜକ ଭାବେ ଶ୍ରୀକାନ୍ତ ନାୟକଙ୍କୁ ଚୟନ କରାଯାଇଥିଲା । ଆଗାମୀ ଦିନରେ ଏହି ସଂଘ ଲୋକଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବ ତତସହିତ ସାମ୍ବାଦିକଙ୍କ ସମସ୍ୟା ନେଇ ଆଗାମୀ ଦିନରେ ଛିଡା ହେବ ବୋଲି ନୂତନ ଭାବେ ଚୟନ ହୋଇଥିବା ସଭାପତି ଦିନବନ୍ଧୁ ବାରିକ କହିଛନ୍ତି । ଖୁବଶୀଘ୍ର ଏକ ବୈଠକ ଆୟୋଜନ କରାଯାଇ ଆଗାମୀ ଦିନରେ ସଂଘର କାର୍ଯ୍ୟକାରିତା ଉପରେ ସବିଶେଷ ଆଲୋଚନା କରାଯିବ ବୋଲି ବରିଷ୍ଠ ଉପଦେଷ୍ଟା ସନ୍ତୋଷ କୁମାର ବାଛିନୀ ସୂଚନା ଦେଇଛନ୍ତି । ଏହି କର୍ମକର୍ତ୍ତା ଚୟନରେ ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଅଭିଜିତ୍ ବେହେରା, ଅଭିଜିତ୍ ବିଶ୍ୱାଳ, ଶ୍ୱେତସୁନ୍ଦର ମଲ୍ଲିକ, ବସନ୍ତ ବେହେରା, ଦୀପକ କୁମାର ପାଣିଗ୍ରାହୀ, ଦୀପକ କୁମାର ମିଶ୍ର, ଅକ୍ଷୟ କୁମାର କର, ଦେବଦତ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ସାମ୍ବାଦିକ ଅଭିଜିତ୍ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସହୀଦ ଦିବସ ଉପଲକ୍ଷେ ରକ୍ତ ଦାନ ଶିବିର ଅନୁଷ୍ଠିତ



– ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ଥିବା ଓଡ଼ିଆ ଭଣ୍ଡାରୀ ସାହିରେ ଥିବା ସହରା□ଳ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ରକ୍ତ ଦାନ ଶିବିର ଗଜପତି ବ୍ଲଡ୍ ଡୋନେର ଓ ନିଫା ଗଜପତିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ପ୍ରଥମେ ଉତ୍କଳ ହିତୈଷିଣୀ ସଭା ଗୃହରେ ଏହି ସଭା ଆୟୋଜନ ହୋଇ ଥିଲାୟଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ଏମ୍ ଏମ୍ ଅଲ୍ଲୀ, ଉ ଗ ଙ ଡକ୍ଟର ପ୍ରମୋଦ କୁମାର ପଣ୍ଡା, ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପଣ୍ଡିତ ଗୁରୁ ରଘୁନାଥ ପାତ୍ର, ନିଫା ଗଜପତିର ସଭାପତି ସ୍ମିଗ୍ଧା ମିଶ୍ର,ଅଧିବକ୍ତା ଇତିଶ୍ରୀ ମହାପାତ୍ର ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟ ଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦଘାଟନ କରିଥିଲେ ।ଡକ୍ଟର କଲ୍ୟାଣି ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।ପୁଷ୍ପଗୁଚ୍ଛ ଦେଇ ଅତିଥି ମାନଙ୍କୁ ସ୍ୱାଗତ କରାଯାଇଥିଲା ।ରକ୍ତ ଦାତାମାନଙ୍କ ନାମ ପଞ୍ଜିକୃତ କରାଯାଇ ରକ୍ତଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ଜନ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରିଣୀ ମମତା ପାଢ଼ୀ,ଶୁଭ୍ରାଂଶୁ ଶେଖର ପଟ୍ଟନାୟକ,ରାଜେନ୍ଦ୍ର ରଥ,ଖଗେଶ୍ୱର ବେହେରା, ସଙ୍ଗୀତା ପାତ୍ର, ଗଜପତି ବ୍ଲଡ୍ ଡୋନେରର ସଭାପତି ଜୀ ନବୀନ, ବିଚିତ୍ରାନନ୍ଦ ବେବର୍ତ୍ତା, ତ୍ରିପତି ପଣ୍ଡା ମୁରଲୀଧର ପରିଚ୍ଛା, ଭରତ ଭୂଷଣ ମହାନ୍ତି, ଟି ଟି ପାଢ଼ୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।ଖବର ସଂଗ୍ରହ ସୁଦ୍ଧା ୧୬ ୟୁନିଟ ରକ୍ତ ସଂଗୃହୀତ ହୋଇ ଥିଲା।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ



# ଭାରତ ବିନା ଚୀନ ସହ ମୁକାବିଲା ଅସମ୍ଭବ !

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):**ସମୁଦ୍ର ପଥରେ ଚୀନର ମୁକାବିଲା ପାଇଁ ଭାରତର ଆବଶ୍ୟକତା ରହିଛି । ସମୁଦ୍ର ପଥରେ ଚୀନକୁ ଟକ୍କର ଦେବାକୁ ହେଲେ ଭାରତରୁ ନିଜ ଗୋଷ୍ଠୀରେ ସାମିଲ କରିବାକୁ ପଡିବ । ଭାରତ ଖୁବ୍‌ଶୀଘ୍ର ଜାପାନ, ଅଷ୍ଟ୍ରେଲିଆ, ଆମେରିକା ଏବଂ ଫିଲିପାଇନ୍ସର 'ସ୍କ୍ୱାଡ୍' ଗୋଷ୍ଠୀରେ ସାମିଲ ହୋଇପାରେ। ଫିଲିପାଇନ୍ସ ସଶସ୍ତ୍ର ବାହିନୀ ମୁଖ୍ୟ ଜେନେରାଲ ରୋମିଓ ଏସ୍. ବ୍ରୋନର୍ ଏହା ଉପରେ ସଙ୍କେତ ଦେଇଛନ୍ତି । ସେ କହିଛନ୍ତି ଯେ 'ଦକ୍ଷିଣ ଚୀନ୍ ସାଗର'ରେ ଚୀନର ଦବଦବାକୁ ରୋକିବା ପାଇଁ ସ୍କ୍ୱାଡକୁ ବିସ୍ତାର କରିବାର ଯୋଜନା ରହିଛି ଏବଂ ଭାରତ ଓ ଦକ୍ଷିଣ କୋରିଆକୁ ଏଥିରେ ସାମିଲ କରିବାକୁ ପ୍ରୟାସ କରାଯାଉଛି । ଫିଲିପାଇନ୍ସର ଜେନେରାଲ ବ୍ରୋନର ନୂଆଦିଲ୍ଲୀରେ ଅନୁଷ୍ଠିତ 'ରାଇସିନା ଡାଏଲଗ'ରେ ଅଭିଭାଷଣ ରଖି ଏହା କହିଛନ୍ତି । ଏହି ସମୟରେ, ତାଙ୍କ ସହିତ ମଞ୍ଚରେ ତାଙ୍କର ଜାପାନୀ ପ୍ରତିପକ୍ଷ, ଭାରତୀୟ ନୌସେନା ମୁଖ୍ୟ, ଆମେରିକାର ଇଣ୍ଡୋ-ପାସିଫିକ୍ କମାଣ୍ଡର କମାଣ୍ଡର ଏବଂ ଅଷ୍ଟ୍ରେଲିଆର ମିଳିତ ଅପରେସନ୍ ମୁଖ୍ୟ ଉପସ୍ଥିତ ଥିଲେ । ସ୍କ୍ୱାଡ୍ ଏବେ ବି ଏକ ଅନୌପଚାରିକ ଗୋଷ୍ଠୀ । ତଥାପି, ଏହାର ସଦସ୍ୟ ଦେଶଗୁଡ଼ିକ ଦକ୍ଷିଣ ଚୀନ ସାଗରରେ ଏକ ବର୍ଷରୁ ଅଧିକ ସମୟ ଧରି ମିଳିତ ସାମୁଦ୍ରିକ କାର୍ଯ୍ୟକଳାପ ଚଳାଇ ଆସୁଛନ୍ତି ।ଏହି ଗୋଷ୍ଠୀ କେବଳ 'ଦକ୍ଷିଣ ଚୀନ୍ ସାଗର'ରେ ଚୀନର ଏକପାଖିଆ ଦାବିକୁ ଚ୍ୟାଲେଞ୍ଜ କରିବା ପାଇଁ ଗଠନ କରାଯାଇଛି । ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ଚୀନର ପ୍ରାଧାନ୍ୟକୁ ରୋକିବା ପାଇଁ ଭାରତ ପୂର୍ବରୁ ଏକ ସ୍ୱତନ୍ତ୍ର ଗୋଷ୍ଠୀ 'ସ୍କ୍ୱାଡ୍'ର ଏକ ଅଂଶ ରହିଛି । ଏଥିରେ ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନ ତାଙ୍କ ସହିତ ଅଛନ୍ତି । ସମଗ୍ର 'ଦକ୍ଷିଣ ଚୀନ୍ ସାଗର' ଉପରେ ଚୀନ୍ ନିଜର ଦାବି ଉପସ୍ଥାପନ କରିଆସୁଛି । ସେ ଏହି ମାମଲାରେ ଅନ୍ତର୍ଜାତୀୟ କୋର୍ଟର ନିଷ୍ପତ୍ତିକୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଛି ।




ଫିଲିପାଇନ୍ସ, ଇଣ୍ଡୋନେସିଆ, ତାଇୱାନ, ମାଲେସିଆ, ବ୍ରୁନେଇ ଏବଂ ଭିଏତନାମ ଉପକୂଳ ମଧ୍ୟ ଚୀନ୍ ପରି 'ଦକ୍ଷିଣ ଚୀନ୍ ସାଗର'କୁ ସ୍ପର୍ଶ କରେ, କିନ୍ତୁ ଚୀନ୍ ଏହି ଦେଶଗୁଡ଼ିକର ଦାବି ଏବଂ ସାର୍ବଭୌମତ୍ୱକୁ ମଧ୍ୟ ଅଣଦେଖା କରେ । ଆପଣଙ୍କୁ ଜଣାଇ ଦେଉଛୁ ଯେ 'ଦକ୍ଷିଣ ଚୀନ୍ ସାଗର' ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ମାର୍ଗ ମଧ୍ୟରୁ ଗୋଟିଏ, ଯେଉଁଠାରେ ବାର୍ଷିକ ୩ ଟ୍ରିଲିୟନ ଡଲାରରୁ ଅଧିକ ମୂଲ୍ୟର ବାଣିଜ୍ୟ ହୁଏ । ଫିଲିପାଇନ୍ସ ଏବଂ ଜାପାନ 'ଦକ୍ଷିଣ ଚୀନ୍ ସାଗର'ରେ ଚୀନ୍‌ର ବୃଦ୍ଧି ପାଉଥିବା ସାମରିକ ଶକ୍ତିର ଚ୍ୟାଲେଞ୍ଜକୁ ସମ୍ମୁଖୀନ କରୁଛନ୍ତି । ଦକ୍ଷିଣ ଚୀନ ସାଗରରେ ଜାପାନୀ ଏବଂ ଫିଲିପାଇନ୍ସ ଜାହାଜ ସହିତ ଚୀନ୍ ଜାହାଜଗୁଡ଼ିକର ଅନେକ ଥର ମୁହାଁମୁହିଁ ହୋଇଛି । ଜେନେରାଲ ବ୍ରୋନର କହିଥିଲେ, 'ଆମେ ଭାରତ ସହିତ ସମାନତା ପାଉ କାରଣ ଆମର ସମାନ ଶତ୍ରୁ ଅଛି ।' ଏବଂ ମୁଁ ଏହା କହିବାକୁ ଭୟ କରୁନି ଯେ, ଚୀନ ଆମର ସମାନ ଶତ୍ରୁ । ଭାରତ ପାଇଁ ଚୀନ୍ ଯେଉଁଭଳି ଶତ୍ରୁ ସାଜିଛି, ଆମ ପାଇଁ ବି ଠିକ୍ ସେହିଭଳି ଶତ୍ରୁ ସାଜିଛି । ତେଣୁ ଆମେ ପ୍ରତ୍ୟେକ କ୍ଷେତ୍ରରେ ପରସ୍ପରକୁ ସହଯୋଗ କରିବା ଗୁରୁତ୍ୱପୂର୍ଣ୍ଣ । ସେ ଆହୁରି କହିଛନ୍ତି, ପୂର୍ବରୁ ଫିଲିପାଇନ୍ସର ଭାରତୀୟ ସାମରିକ ଏବଂ ପ୍ରତିରକ୍ଷା ଶିଳ୍ପ ସହିତ ସହଭାଗିତା ରହିଛି । ସେ ଏହା ମଧ୍ୟ କହିଛନ୍ତି ଯେ ଯେତେବେଳେ ସେ ଭାରତର ପ୍ରତିରକ୍ଷା ମୁଖ୍ୟ ଜେନେରାଲ ଅନିଲ ଚୌହ୍ୱାନଙ୍କୁ ଭେଟିବେ, ସେତେବେଳେ ସେ ଭାରତକୁ 'ସ୍କ୍ୱାଡ୍'ରେ ଯୋଗଦେବା ପାଇଁ ପ୍ରସ୍ତାବ ଦେବେ ।

# ନିଜେ ଗୁଳି କରି ଆତ୍ମହତ୍ୟା କଲେ ପୂର୍ବତନ ବିଧାୟକ

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ଜମ୍ମୁକାଶ୍ମୀରର ପୂର୍ବତନ ବିଜେପି ବିଧାୟକ ଫକୀର ମହମ୍ମଦ ଖାନ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଦଳର ମୁଖପାତ୍ର ଏହି ସୂଚନା ଦେଇଛନ୍ତି। ସେ ନିଜକୁ ନିଜେ ଗୁଳି କରି ଆତ୍ମହତ୍ୟା କରିଛନ୍ତି । ଜମ୍ମୁକାଶ୍ମୀର ବିଜେପିର ବରିଷ୍ଠ ନେତା ଥିଲେ ଫକୀର ମହମ୍ମଦ । ଗୁରୁବାର (ମାର୍ଚ୍ଚ ୨୦) ଜମ୍ମୁକାଶ୍ମୀର ବିଧାନସଭାରେ ତାଙ୍କ ସ୍ମୃତିରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି । ଶ୍ରୀନଗରର ଏକ ଉଚ୍ଚ ସୁରକ୍ଷା ଅଞ୍ଚଳ ତୁଳସୀବାଗରେ ତାଙ୍କୁ ଦିଆଯାଇଥିବା ସରକାରୀ ବଙ୍ଗଳାରେ ସେ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି । ସରକାରୀ ସୂତ୍ର ଅନୁଯାୟୀ, ସେ କ୍ୱାର୍ଟର ନମ୍ବର ୯ଇରେ ତାଙ୍କର ଜଣେ ପିଏସଓଙ୍କ ସର୍ଭିସ୍ ରାଇଫଲରୁ ନିଜକୁ ଗୁଳି କରିଥିଲେ । ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିଲା । ତାଙ୍କୁ ତୁରନ୍ତ ଶ୍ରୀନଗରର SMHS ହସ୍ପିଟାଲକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଫକୀର ମହମ୍ମଦଙ୍କ ଆତ୍ମହତ୍ୟା ନେଇ ଖବର ପାଇବା ପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଗତବର୍ଷ ବିଧାନସଭା ନିର୍ବାଚନରେ ବିଜେପି ଗୁରେଜ୍ ଆସନରୁ ଫକୀର ମହମ୍ମଦ ଖାନଙ୍କୁ ଟିକେଟ୍ ଦେଇଥିଲା କିନ୍ତୁ ସେ ପରାସ୍ତ ହୋଇଥିଲେ । ନ୍ୟାସନାଲ କନଫରେନ୍ସର ନାଜିର ଅହମ୍ମଦ ଖାନ ତାଙ୍କୁ ୧୦୪୯ ଭୋଟ ବ୍ୟବଧାନରେ ପରାସ୍ତ କରିଥିଲେ । ଉତ୍ତର କାଶ୍ମୀରର ବାନ୍ଦିପୋରା ଜିଲ୍ଲାର ଗୁରେଜ ନିବାସୀ ଫକୀର ମହମ୍ମଦ ଖାନ ଜଣେ ପ୍ରବୀଣ ରାଜନେତା ଥିଲେ । ସେ ୧୯୯୬ ଜମ୍ମୁକାଶ୍ମୀର ବିଧାନସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ବିଜୟୀ ହୋଇଥିଲେ । ଫକୀର ମହମ୍ମଦ ଖାନ ପିଡିପିରେ ଯୋଗ ଦେଇଥିଲେ ଏବଂ ୫ ଅଗଷ୍ଟ ୨୦୧୯ରେ ଧାରା ୩୭୦ ଉଚ୍ଛେଦ ପରେ ଦଳରୁ ଇସ୍ତଫା ଦେଥିଲେ ।

# ତାଇୱାନ ଉପରେ କବଜା କରିବାର ପ୍ରସ୍ତୁତିରେ ଚୀନ୍

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ଚୀନର ଗ୍ୱାଙ୍ଗଡୋଙ୍ଗ ପ୍ରାନ୍ତର ଏକ ସମୁଦ୍ର କୂଳରେ ରେକର୍ଡ ହୋଇଥିବା ୧୯ସେକେଣ୍ଡର ଭିଡ଼ିଓ , ହଠାତ ଚର୍ଚ୍ଚାର ବିଷୟ ପାଲିଟିଛି ।ଏଥିରେ କିଛି ଅସାଧାରଣ ଜାହାଜ ଦେଖିବାକୁ ମିଳିଥିଲା । ଅସାଧାରଣ ଏଥିପାଇଁ କାରଣ ତାହା ପାଣିରେ ନୁହେଁ, ବରଂ ମୋଟା ମୋଟା ଖମ୍ବ ଉପରେ ଠିଆ ହୋଇଥିଲା । ଏଥିରୁ ଗୋଟିଏ ଜାହାଜ ସମୁଦ୍ରରୁ ସ୍ୟାଣ୍ଡ ସହ ଜଡ଼ିତ ଥିଲା ଏବଂ ତା ମଧ୍ୟରେ ଏକ ବ୍ରିଜ୍ ଭଳି ରାସ୍ତା ଦେଖାଯାଉ ଥିଲା । ଯେମିତି ହିଁ ଏହି ଭିଡ଼ିଓ ଚାଇନା ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ୱିଚଟରେ ପୋଷ୍ଟ କରାଯାଇ ଥିଲା, ସେମିତି ରହସ୍ୟମୟ ଉପାୟରେ ମଧ୍ୟ ହାଏବ ହୋଇ ଯାଇ ଥିଲା । କିନ୍ତୁ ସେତେବେଳେକୁ ଏହା ଚୀନ-ତାଇୱାନ ଉତ୍ତେଜନା ଉପରେ ନଜର ରଖୁଥିବା ବ୍ୟକ୍ତିଙ୍କ ପାଖରେ ପହଞ୍ଚି ସାରିଥିଲା । ବିଶେଷଜ୍ଞଙ୍କ ଅନୁସାରେ, ଏହି ଭିଡ଼ିଓ ଚୀନର ନୂଆ ଲ୍ୟାଣ୍ଡିଂ ବାର୍ଜ 'ଶୁଚିୟାଓ'ର ପ୍ରଥମ ଝଲକ, ଯାହାର ବ୍ୟବହାର ତାଇୱାନ ଉପରେ ସମ୍ଭାବିତ ହମଲା ପାଇଁ କରାଯାଇ ପାରେ। ଚୀନର ରାଷ୍ଟ୍ରପତି ଶି ଜିନପିଙ୍ଗଙ୍କର ନେତୃତ୍ୱରେ ପିପୁଲ୍ସ ଲିବେରସନ ଆର୍ମି (ପିଏଲଏ) ଲଗାତାର ତାଇୱାନକୁ ନିଜର କବଜାରେ ଆଣିବାକୁ ରଣନୀତି କରୁଛି। ଏକ୍ସପର୍ଟଙ୍କ ଅନୁସାରେ, ଏହି ବାର୍ଜର ସାହାଯ୍ୟରେ ପିପୁଲ୍ସ ଲିବରେସନ ଆର୍ମି (ପିଏଲଏ) ସମୁଦ୍ରରେ ପାଖାପାଖି ଏକ କିଲୋମିଟର ଦୂରରୁ ଏକ ଅସ୍ଥାୟୀ



ଡକ୍ ପ୍ରସ୍ତୁତ କରିପାରେ । ଏଥିରେ ଭାରି ସେନା ଉପକରଣ ଓ ଟ୍ୟାଙ୍କ ଗୁଡ଼ିକୁ ସିଧା ସମୁଦ୍ର ତଟରେ ଓହ୍ଲାଇବାର ସୁବିଧା ମିଳିବୟ ତାଇୱାନର ବଡ ଦ୍ୱୀପରେ ସେନା କବଜା ସମ୍ଭାବନାରେ ସବୁଠୁ ବଡ଼ ପ୍ରତିବନ୍ଧକ ଏହା କି, ସେଠାରେ ବଛା ବଛା ୨୦ଟି ଏମିତି ତଟ ଅଛି , ଯେଉଁଠି ସୈନିକଙ୍କ ଲ୍ୟାଣ୍ଡିଂ ହୋଇପାରେ । କିନ୍ତୁ ଚୀନର ଏହି ନୂଆ ଟେକନିକ୍ ତାଇୱାନର ସୁରକ୍ଷା ପରିସରକୁ ଦୁର୍ବଳ କରିପାରେୟ ଆମେରିକୀୟ ପ୍ରତିରକ୍ଷା ବିଶେଷଜ୍ଞ ଆଣ୍ଡ୍ରୟୁ ଏରିକ୍ସନଙ୍କ ଅନୁସାରେ, ଏହା ବାର୍ଜ ଶି ଜିନପିଙ୍ଗଙ୍କ ତାଇୱାନ ଉପରେ ନିୟନ୍ତ୍ରଣ ପାଇବାର ଗଭୀର ରଣନୀତିର ଅଂଶ ବିଶେଷ । ବିଶେଷଜ୍ଞଙ୍କ ଅନୁସାରେ, ଏହି ବାର୍ଜ ପିଏଲଏକୁ ସିଧା ତଟର ନିକଟକୁ ନେଇ ଓଜନିଆ ସେନା ସରଞ୍ଜାମ ଓ ଟ୍ୟାଙ୍କ ଗୁଡ଼ିକୁ ତାଇୱାନର ଭିତର ପର୍ଯ୍ୟନ୍ତ ପହଞ୍ଚାଇବାରେ ସାହାଯ୍ୟ କରିବ। ତାଇୱାନର ୧୫୦୦ କିଲୋମିଟରରୁ ଅଧିକ ଦୀର୍ଘ ସମୁଦ୍ର ତଟର ନିକଟରେ ଅନେକ ପ୍ରମୁଖ ସଡ଼କ ଓ ହାଇୱେ ଅଛି , ଯେଉଁଥିରୁ କିଛି ତାଇପେଇରୁ ପାଖାପାଖି ୩୦ କିଲୋମିଟର ଦୂରରେ ଅଛି । ଏଥିରେ ଏହି ଲ୍ୟାଣ୍ଡିଂ ବାର୍ଜ ମାଧ୍ୟମରେ ପିଏଲଏ ନିଜର ସେନା ଗାଡ଼ିକୁ ଖୁବ୍ ଜୋରରେ ଆଗକୁ ବଢାଇ ପାରେ । ସେଠାରେ ତାଇୱାନର ପୂର୍ବତନ ସେନା ଅଧିକାରୀ ୟୁ ପେଇ-ଚେନ କହିଛନ୍ତି କି, ତାଙ୍କର ହିମାର୍ସ ରକେଟ୍ ପ୍ରଣାଳୀ ଏହି ବାର୍ଜକୁ ସହଜରେ ଧ୍ୱଂସ ବିଧ୍ୱଂସ କରିପାରେ ।

# ୩ ମନ୍ଦିର ଉପରେ ବୁଲଡୋଜର ଆକ୍ସନ ବନ୍ଦ କରିବାକୁ ମନା କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ଦିଲ୍ଲୀର ତିନିଟି ମନ୍ଦିର ଉପରେ ବୁଲଡୋଜର ଚଳାଇବା ବିରୋଧରେ ଆଗତ ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ସୁପ୍ରିମକୋର୍ଟ ଆବେଦନକାରୀଙ୍କୁ ଦିଲ୍ଲୀ ହାଇକୋର୍ଟ ଯିବାକୁ କହିଛନ୍ତି। ବିଳମ୍ବିତ ରାତିରେ ଦାୟର କରାଯାଇଥିବା ଆବେଦନକୁ ଏକ ସ୍ୱତନ୍ତ୍ର ଅନୁରୋଧରେ ସକାଳେ ତିନି ଜଣ ବିଚାରପତିଙ୍କ ଖଣ୍ଡପୀଠ ସମ୍ମୁଖରେ ତାଲିକାଭୁକ୍ତ କରାଯାଇଥିଲା । ଖଣ୍ଡପୀଠର ନେତୃତ୍ୱ ନେଉଥିବା ବିଚାରପତି ବିକ୍ରମ ନାଥ ପ୍ରଥମେ ଆବେଦନକାରୀଙ୍କ ଓକିଲ ବିଷ୍ଣୁ ଶଙ୍କର ଜୈନଙ୍କୁ କହିଥିଲେ ଯେ ଶୁଣାଣି ଅପରାହ୍ନ ୨ଟାରେ ହେବ । ସେ ଏହା ମଧ୍ୟ କହିଥିଲେ ଯେ ତାଙ୍କୁ ତାଙ୍କ ଆବେଦନର ଏକ କପି ଦିଲ୍ଲୀ ବିକାଶ ପ୍ରାଧିକରଣ



(DDA)ର ଓକିଲଙ୍କୁ ଦେବା ଉଚିତ ଯାହାଦ୍ୱାରା ସେ ଏଥିରେ ନିଜର ପକ୍ଷ ରଖିପାରିବେ, କିନ୍ତୁ ଏହା ପରେ ଜଷ୍ଟିସ୍ ବିକ୍ରମ ନାଥ ତାଙ୍କ ସହଯୋଗୀ ବିଚାରପତି ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ସନ୍ଦୀପ ମେହେଟାଙ୍କ ସହ କଥା ହୋଇଥିଲେ ଏବଂ ତାଙ୍କର ମତ ପରିବର୍ତ୍ତନ ହୋଇଥିଲା । ସେ ଆବେଦନକାରୀଙ୍କ ଓକିଲଙ୍କୁ କହିଥିଲେ ଯେ ତାଙ୍କୁ ହାଇକୋର୍ଟ ଯିବା ଉଚିତ । ପୂର୍ବ ଦିଲ୍ଲୀର ମୟୂର ବିହାର ଫେଜ୍-୨ ରେ ଥିବା ତିନୋଟି ମନ୍ଦିର - ପୂର୍ବୋ ଦିଲ୍ଲୀ କାଳୀ ବାଡ଼ି, ଅମରନାଥ ମନ୍ଦିର ଏବଂ ବଦ୍ରିନାଥ ମନ୍ଦିର - ପାଇଁ ଓକିଲ ବିଷ୍ଣୁ ଜୈନ ଜରୁରୀକାଳୀନ ପରିସ୍ଥିତିର ଉଦାହରଣ ଦେଇଥିଲେ । ସେ କହିଛନ୍ତି ଯେ ରାତି ୯ଟାରେ ମନ୍ଦିରଗୁଡ଼ିକରେ ନୋଟିସ ଲଗାଯାଇଥିଲା ଏବଂ ସକାଳେ ୫୦୦ରୁ ଅଧିକ ପୋଲିସ କର୍ମଚାରୀଙ୍କ ସହିତ ଏକ ବୁଲଡୋଜର ସ୍କ୍ୱାଡ୍ ସେଠାରେ ପହଞ୍ଚିଥିଲା । ଓକିଲ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସୁପ୍ରିମକୋର୍ଟ ଦିଲ୍ଲୀର ଜାହାଙ୍ଗୀରପୁରୀର ଏକ ମସଜିଦ ଉପରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନର ତୁରନ୍ତ ଶୁଣାଣି କରି କାର୍ଯ୍ୟାନୁଷ୍ଠାନକୁ ବନ୍ଦ ଅଟାଇଦେଇଥିଲେ ।

# ମୋ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କରାଯାଉଛି

**ମୁମ୍ବାଇ,୨୩।୩(ଏଜେନ୍ସି):** ବଲିଉଡର ଦିବଂଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ମାମଲାରେ ଏବେ ଏକ ନୂତନ ମୋଡ଼ ଆସିଛି । ଦିଶାଙ୍କ ବାପା ସତୀଶ ସାଲିଆନ୍ ଏବେ ବମ୍ବେ ହାଇକୋର୍ଟରେ ପହଞ୍ଚିଛନ୍ତି। ସେ ତାଙ୍କ ଝିଅ ମୃତ୍ୟୁର ନୂତନ ତଦନ୍ତ ଦାବି କରିଛନ୍ତି । ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେଙ୍କ ବିରୋଧରେ ଏତଲା ପଞ୍ଜିକରଣ କରିବାକୁ ସେ ଦାବି କରିଛନ୍ତି। ଦିଶା ସାଲିଆନଙ୍କ ବାପା ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅ ସହ ପ୍ରଥମେ ଦୁଷ୍କର୍ମ କରାଯାଇଥିଲା ଏବଂ ପରେ ହତ୍ୟା କରାଯାଇଥିଲା । ସେ ଦାବି କରିଛନ୍ତି ଯେ, ଏହି ମାମଲାରେ କିଛି ପ୍ରଭାବଶାଳୀ ଲୋକଙ୍କୁ ବଞ୍ଚାଇବା ପାଇଁ ଏକ ରାଜନୈତିକ ଷଡ଼ଯନ୍ତ୍ର ରଚନା କରାଯାଇଛି । ସତୀଶ ସାଲିଆନ୍ ହାଇକୋର୍ଟରେ ଆବେଦନ କରିଛନ୍ତି ଯେ ତାଙ୍କ ଝିଅର ମୃତ୍ୟୁର ତଦନ୍ତ ସିବିଆଇକୁ ହସ୍ତାନ୍ତର କରାଯାଉ । ଏଭଳି ଦାବି ମଧ୍ୟରେ ଏବେ ଆଦିତ୍ୟ ଠାକରେଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି । ସେ କହିଛନ୍ତି ଯେ, ଏସବୁ ମୋ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବା ପାଇଁ କରାଯାଇଛି । ଯଦି ମାମଲା କୋର୍ଟରେ ଅଛି, ମୁଁ କୋର୍ଟକୁ ଜବାବ ଦେବି । ଏହି ଦେଶର ଉନ୍ନତି ପାଇଁ ମୋର ଲଢ଼େଇ ଜାରି ରହିବ ।ଉଲ୍ଲେଖଯୋଗ୍ୟ, ୮ ଜୁନ୍ ୨୦୨୦ରେ ଏକ କୋଠାର ୧୪ ମହଲାରୁ ପଡ଼ି ଦିଶା ସାଲିଆନ୍‌ଙ୍କ ମୃତ୍ୟୁ ହୋଇଥିଲା ।ଏହାପରେ ପୁଲିସ ଦୁର୍ଘଟଣାଜନିତ ମୃତ୍ୟୁ ମାମଲା ରୁଜୁ କରିଥିଲା । ଦିଶା ବଲିଉଡ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ମ୍ୟାନେଜର ଥିଲେ । ଦିଶାଙ୍କ ମୃତ୍ୟୁର ମାତ୍ର ୬ଦିନ ପରେ, ୧୪ଜୁନ୍ ୨୦୨୦ରେ, ସୁଶାନ୍ତ ମଧ୍ୟ ତାଙ୍କ ଆପାର୍ଟମେଣ୍ଟରେ ମୃତ ଅବସ୍ଥାରେ ମିଳିଥିଲେ ।

# ୨୫ ସେଲିବ୍ରେଟିଙ୍କ ନାଁରେ ମାମଲା

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ବେଆଇନ ବେଟିଂ ଆପ୍ ପ୍ରଚାର କରି ଫସିଲେ ୨୫ ସେଲିବ୍ରେଟି । ଏହି ସେଲିବ୍ରେଟିଙ୍କ ନାଁରେ ମାମଲା ରୁଜୁ ହୋଇଛି । ତେଲେଙ୍ଗାନା ପୋଲିସ ଅବୈଧ ବେଟିଂ ଆପକୁ ପ୍ରୋତ୍ସାହିତ କରିବା ଅଭିଯୋଗରେ ରାଣା ଦଗ୍ଗୁବାତି, ପ୍ରକାଶ ରାଜ, ବିଜୟ ଦେବରକୋଣ୍ଡା ଏବଂ ନିଧି ଅଗ୍ରୱାଲଙ୍କ ସମେତ ୨୫ ଜଣ ଅଭିନେତା ଏବଂ ପ୍ରଭାବଶାଳୀଙ୍କ ବିରୁଦ୍ଧରେ FIR ରୁଜୁ କରିଛି । ୩୨ ବର୍ଷୀୟ ବ୍ୟବସାୟୀ ଫଣିନ୍ଦ୍ର ଶର୍ମାଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଆବେଦନ ଉପରେ ଆଧାର କରି ମାର୍ଚ୍ଚ ୧୯ ତାରିଖରେ ହାଇଦ୍ରାବାଦର ମିୟାପୁର ପୋଲିସ ଷ୍ଟେସନରେ ଏଫଆଇଆର ରୁଜୁ କରାଯାଇଥିଲା । ସେ ଅଭିଯୋଗ କରି କହିଛନ୍ତି ଯେ, ମାର୍ଚ୍ଚ ୧୬ ତାରିଖରେ ତ । ଙ୍କ ସମ୍ପ୍ରଦାୟର ଯୁବକମାନଙ୍କ ସହିତ ଆଲୋଚନା ସମୟରେ, ସେ ଜାଣିପାରିଲେ



ଯେ ଅନେକ ବ୍ୟକ୍ତି ଜୁଆ ଆପରେ ସେମାନଙ୍କର ଟଙ୍କା ନିବେଶ କରିବାକୁ ପ୍ରଭାବିତ ହୋଇଛନ୍ତି, ଯାହା ସୋସିଆଲ ମିଡିଆ ବ୍ୟକ୍ତିତ୍ୱଙ୍କ ଦ୍ୱାରା ପ୍ରଚୁର ବିଜ୍ଞାପନ କରାଯାଇଥିଲା । ସେ ଆହୁରି ଉଲ୍ଲେଖ କରିଛନ୍ତି ଯେ ଏହି ସେଲିବ୍ରିଟିମାନେ ବିଭିନ୍ନ ବେଟିଂ ପ୍ଲାଟଫର୍ମକୁ ପ୍ରୋତ୍ସାହିତ କରିବା ପାଇଁ ବହୁ ପରିମାଣର ଟଙ୍କା ଗ୍ରହଣ କରୁଛନ୍ତି ବୋଲି ଅଭିଯୋଗ ହୋଇଛି, ଯାହା ବ୍ୟବହାରକାରୀମାନଙ୍କୁ ସେମାନଙ୍କର କଠିନ ଅର୍ଜିତ ଟଙ୍କାକୁ ଜୁଆ ଖେଳିବାକୁ ଉତ୍ସାହିତ କରେ । ଅଭିଯୋଗରେ ଶର୍ମା ଉଲ୍ଲେଖ କରିଛନ୍ତି ଯେ, ସେ ମଧ୍ୟ ଏହି ପ୍ଲାଟଫର୍ମଗୁଡ଼ିକ ମଧ୍ୟରୁ ଗୋଟିଏରେ ନିବେଶ କରିବାକୁ ଯାଉଥିଲେ କିନ୍ତୁ ତାଙ୍କ ପରିବାର ତାଙ୍କୁ ସମ୍ଭାବ୍ୟ ଆର୍ଥିକ ବିପଦ ବିଷୟରେ ସତର୍କ କରିବା ପରେ ସେ ନିବୃତ୍ତ ରହିଲେ । ଏପରି ଆପ୍ ଏବଂ ପ୍ଲାଟଫର୍ମଗୁଡ଼ିକ ବ୍ୟାପକ ଆର୍ଥିକ କ୍ଷତି ଘଟାଉଛନ୍ତି, ବିଶେଷକରି ନିମ୍ନ ଏବଂ ମଧ୍ୟବିତ୍ତ ପରିବାର ମଧ୍ୟରେ ଯେଉଁମାନେ ସହଜ ଟଙ୍କା ପାଇବାର ମିଥ୍ୟା ପ୍ରତିଶ୍ରୁତିରେ ପ୍ରଲୋଭିତ ହେଉଛନ୍ତି । ଅଭିଯୋଗ ଆଧାରରେ, ଅଭିନେତା ଏବଂ ପ୍ରଭାବଶାଳୀମାନଙ୍କ ବିରୁଦ୍ଧରେ ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୬୬(D) ସମେତ ଟିଏସ୍ ଗେମିଂ ଆଇନ ଏବଂ ଆଇଟି ଆଇନର ବହୁବିଧ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇଛି, ଯାହା ଠକେଇ ଏବଂ ପରିଚୟ ଚୋରି ସହିତ ଜଡିତ । ଏଫଆଇଆରରେ ଅବୈଧ ବେଟିଂ କାର୍ଯ୍ୟକଳାପର ପ୍ରୋତ୍ସାହନକୁ ସମ୍ବୋଧିତ କରୁଥିବା ଧାରା ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି ।

# ଦୁନିଆର ସବୁଠାରୁ ଦୁଃଖି ଦେଶ ଆଫଗାନିସ୍ତାନ

**ଲଣ୍ଡନ,୨୩।୩(ଏଜେନ୍ସି):** ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ୱେଲବିଙ୍ଗ୍ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ବିଶ୍ୱ ସନ୍ତୋଷ ରିପୋର୍ଟ ପ୍ରକାଶ ପାଇଛି । ପୂର୍ବବର୍ଷଗୁଡ଼ିକ ପରି ଫିନଲାଣ୍ଡ ନିଜର ପ୍ରଥମ ସ୍ଥାନ ବଜାୟ ରଖିଛି । ଅର୍ଥାତ ବିଶ୍ୱର ସବୁଠାରୁ ସୁଖରେ ଅଛନ୍ତି ଫିନଲାଣ୍ଡବାସୀ । କିନ୍ତୁ ତାଲିକାର ସବୁଠାରୁ ତଳେ ଅଛି ଆଫଗାନିସ୍ତାନ । ଦୀର୍ଘବର୍ଷ ଧରି ଯୁଦ୍ଧଗ୍ରସ୍ତ ହୋଇ ରହିଥିବା ଆଫଗାନିସ୍ତାନରେ ଏବେ ଜୀବନଧାରଣ ସବୁଠାରୁ କଷ୍ଟକର ହୋଇପଡ଼ିଛି । ବିଶେଷକରି ତାଲିବାନ ପୁଣି କ୍ଷମତାକୁ ଫେରିବା ପରେ ଲୋକଙ୍କ ସ୍ଥିତି ବିଶେଷକରି ନାରୀମାନଙ୍କ ସ୍ଥିତି ଅତ୍ୟନ୍ତ ଦୁର୍ବିସହ ହୋଇପଡ଼ିଛି । ଗୋଟିଏ ପଟେ ଲୋକମାନେ ଦାରିଦ୍ର୍ୟ ସହ ଲଢୁଥିବାବେଳେ ଅନ୍ୟପଟେ ତାଲିବାନର ବିଭିନ୍ନ କଟକଣା ସ୍ଥିତିକୁ ଜଟିଳ କରିଛି । ଏହି ତାଲିକାର ୧୧୮ ତମ ସ୍ଥାନରେ ରହିଛି ଭାରତ । ଏହି ରିପୋର୍ଟରେ କୁହାଯାଇଛି ଯେ ମୁଣ୍ଡପିଛା ଜିଡିପି ବଢୁଥିବା ସତ୍ତ୍ୱେ ଭାରତରେ ଅସମାନତା ଚିନ୍ତାଜନକ ସ୍ଥିତିରେ ରହିଛି । ଅର୍ଥାତ ଧନୀ-ଗରିବ ତାରତମ୍ୟ ଅଧିକ ରହିଛି । ୨୦୧୨ ତୁଳନାରେ ଏହି ତାଲିକାରେ ଭାରତର ସ୍ଥିତି ଆହୁରି ଖରାପ ହୋଇଛି । ବିଭିନ୍ନ ସମସ୍ୟା ଦେଇ ଗତିକରୁଥିବା ପାକିସ୍ତାନର ସ୍ଥିତି ଭାରତ ତୁଳନାରେ ଭଲ ରହିଛି । ପାକିସ୍ତାନର ସ୍ଥାନ ୧୦୯ ତମ ସ୍ଥାନରେ ରହିଛି । ଭାରତର ପଡ଼ୋଶୀ ଶ୍ରୀଲଙ୍କା ଓ ବାଂଲାଦେଶ ଯଥାକ୍ରମେ ୧୩୩ ଓ ୧୩୪ ତମ ସ୍ଥାନରେ ଅଛନ୍ତି । ରିପୋର୍ଟରେ ସାମଗ୍ରୀକ ଭାବେ ମାନବ ସମାଜରେ ଦେଖାଦେଇଥିବା କେତେକ ଚିନ୍ତାଜନକ ଲକ୍ଷଣ ଉପରେ ଆଲୋକପାତ କରାଯାଇଛି । ଲୋକମାନେ ଅଧିକରୁ ଅଧିକ ଏକୁଟିଆ ହୋଇଯାଉଥିବା କୁହାଯାଉଛି । ଏହି ସର୍ଭେ ଅନୁସାରେ ୨୦୨୩ରେ ୧୯ ପ୍ରତିଶତ ଯୁବକ କହିଥିଲେ ଯେ ସେମାନେ ଏକୁଟିଆ ଅନୁଭବ କରୁଛନ୍ତି, ସାମାଜିକ ସହାୟତା ପାଇଁ ତାଙ୍କର କେହି ନଥିବା ସେମାନେ ପ୍ରକାଶ କରିଥିଲେ ।

# ଆହୁରି ଶକ୍ତିଶାଳୀ ହେବ ଭାରତୀୟ ସେନା

**ନୂଆଦିଲ୍ଲୀ,୨୩।୩(ଏଜେନ୍ସି):** ଆହୁରି ଶକ୍ତିଶାଳୀ ହେବ ଭାରତୀୟ ସେନା । ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପାଇଁ କ୍ୟାବିନେଟର ମଞ୍ଜୁରୀ । ୭ ହଜାର କୋଟି ଟଙ୍କାର ଚୁକ୍ତିରେ ମୋହର ମାରିଲେ ପ୍ରଧାନମନ୍ତ୍ରୀ । ୩୦୭ଟି ଆଡଭାନ୍ସଡ୍ ଟୱେଡ୍ ଆର୍ଟିଲାରୀ ଗନ୍ ସିଷ୍ଟମ୍ ଓ ୩୨୭ଟି ଅସ୍ତ୍ରଶସ୍ତ୍ର ପରିବହନ ସାମରିକ ଯାନ କିଣାଯିବ । ଏଣିକି ଆହୁରି ଶକ୍ତିଶାଳୀ ହେବ ଭାରତୀୟ ସେନା । ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପାଇଁ କ୍ୟାବିନେଟର ମଞ୍ଜୁରୀ ଦେଇଛି । ଏନେଇ ୭ ହଜାର କୋଟିର ଚୁକ୍ତିରେ ମୋହର ମାରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ୩୦୭ ଆଡଭାନ୍ସଡ୍ ଟୱେଡ୍ ଆର୍ଟିଲାରୀ ଗନ୍ ସିଷ୍ଟମ ଓ ୩୨୭ ଅସ୍ତ୍ରଶସ୍ତ୍ର ପରିବହନ ସାମରିକ ଯାନ କିଣିବାକୁ ସ୍ଥିର କରାଯାଇଛି । ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଏବଂ ଭାରତୀୟ ସେନାକୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ କରିବା ଦିଗରେ ଏହି ପଦକ୍ଷେପ ଏକ ପ୍ରମୁଖ ନିଷ୍ପତ୍ତି । ଆଟଲାରୀ ବନ୍ଧୁକଗୁଡ଼ିକ



୧୫୫ଏମ୍‌ଏମ୍/୫୨-କ୍ୟାଲିବର । ଡିଆରଡିଓ ଆଟଲାରୀ ବନ୍ଧୁକଗୁଡ଼ିକୁ ଡିଜାଇନ୍ ପ୍ରସ୍ତୁତ କରିବା ସହିତ ଏହାକୁ ବିକଶିତ କରିଛି । ଏଗୁଡ଼ିକର ନିର୍ମାଣ ଭାରତ ଫୋର୍ଜ ଏବଂ ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ଦ୍ୱାରା କରାଯିବ । ଭାରତ ଫୋର୍ଜକୁ ୬୦% ବନ୍ଧୁକ ନିର୍ମାଣ ପାଇଁ ଦାୟିତ୍ୱ ମିଳିଛି । ଟାଟା ଆଡଭାନ୍ସଡ୍ ସିଷ୍ଟମ୍ସ ବାକି ୪୦% ବନ୍ଧୁକ ନିର୍ମାଣ କରିବ । ଭାରତୀୟ ସେନା ୧୫ଟି ତୋପ ରେଜିମେଣ୍ଟରେ ଆଟଲାରୀ ବନ୍ଧୁକକୁ ସାମିଲ କରିବ । ଏହି ଚୁକ୍ତି ଆସନ୍ତା ସପ୍ତାହରେ ସ୍ୱାକ୍ଷରିତ ହେବାର ଆଶା କରାଯାଉଛି ।

